ମନୋରମା ବିଶ୍ୱାଳ ମହାପାତ୍ର

ମନୋରମାଙ୍କ ଶ୍ରେଷ୍ଠ ଗୀତିକବିତା

Digitized by srujanika@gmail.com

କବି ମନୋରମା ବିଶ୍ୱାଳ ମହାପାତ୍ରଙ୍କର କାବ୍ୟ ଯାତ୍ରା ଦୀର୍ଘ ଚାରିଦଶନ୍ଧି ଧରି । ବିଶ୍ୱଭାରତୀ ଶାନ୍ତିନିକେତନର କାବ୍ୟମୟ ପରିବେଶରେ ପରିବର୍ଦ୍ଧିତ ତାଙ୍କ କାବ୍ୟସତ୍ତା । ଶିଶୁସାହିତ୍ୟଠାରୁ ଲୋକସାହିତ୍ୟ ପର୍ଯ୍ୟନ୍ତ ତାଙ୍କ ଖ୍ୟାତି ପ୍ରସାରିତ । ଏଯାବତ ପ୍ରାୟ ଚାଳିଶଖଣ୍ଡରୁ ଅଧିକ ବହି ପ୍ରକାଶିତ । ଇଂରାଜୀ, ବଙ୍ଗଳା, ହିନ୍ଦୀ, କନ୍ନଡ, ତାମିଲ ଏବଂ ଅସମୀୟା ଭାଷାରେ ତାଙ୍କ ବହି ଅନୂଦିତ । କବିତା ପାଇଁ ସେ ସୁଇଡେନ୍, ଗ୍ରୀସ୍, ଲଣ୍ଡନ୍, ବାଙ୍ଗଲାଦେଶ, ନେପାଳ ଆଦି ଦେଶକୁ ନିମନ୍ତ୍ରିତ ହୋଇଛନ୍ତି । ଓଡିଆ ସାହିତ୍ୟ ଏକାଡେମୀ ପୁରସ୍କାର ତଥା ରାଜ୍ୟବାହାରୁ ମଧ୍ୟ ଅନେକ ପୁରସ୍କାରରେ ସମ୍ମାନିତା ।

Digitized by srujanika@gmail.com

ମନୋରମାଙ୍କ

ଶ୍ରେଷ୍ଠ ଗୀତିକବିତା

ମନୋରମା ବିଶ୍ୱାଳ ମହାପାତ୍ର

ମନୋରମାଙ୍କ ଶ୍ରେଷ୍ଠ ଗୀତିକବିତା

Digitized by srujanika@gmail.com

ମନୋରମାଙ୍କ ଶ୍ରେଷ୍ଠ ଗୀତିକବିତା

ମନୋରମାଙ୍କ ଶ୍ରେଷ୍ଠ ଗୀତିକବିତା

- ଲେଖିକା : ମନୋରମା ବିଶ୍ୱାଳ ମହାପାତ୍ର, ପ୍ରୀତମ୍‌ପୁରୀ, ୧୨୫, ଆଚାର୍ଯ୍ୟବିହାର, ଭୁବନେଶ୍ୱର-୧୩, ଫୋନ୍ : ୯୪୩୭୦୧୧୦୦୩
- ପ୍ରକାଶକ : ପଶ୍ଚିମା ପବ୍ଲିକେଶନ୍ସ, ୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର-୧୨, ଫୋନ୍ : ୯୪୩୭୫୦୦୭୬୭
- ପ୍ରଚ୍ଛଦ : ଅଶୋକ ମହାନ୍ତି
- ମୁଦ୍ରଣ : ତୁତୁଲି ପ୍ରୋସେସ୍ ଏଣ୍ଡ୍ ଅଫ୍‌ସେଟ୍, ଭୁବନେଶ୍ୱର
- ପ୍ରଥମ ପ୍ରକାଶ କାଳ : ୨୦୦୯
- ମୂଲ୍ୟ : ୧୧୦.୦୦

manoramanka srestha gitikabita, by manorama biswal mohapatra published by paschima publications, bhubaneswar, phone@9437500767

Rs.110.00

Digitized by srujanika@gmail.com

ସୂଚୀ

୧. ତୁମରି ଗାଁ'ର ୭
୨. ଦୀପସଳିତାରେ ୯
୩. ଗୀତଟିଏ ପରି ୧୧
୪. ବରଷା ଆସିଛି ୧୩
୫. ବଣୁଆ ନଈ ୧୫
୬. ଖିଆଲୀ ମନର ୧୬
୭. ଚିଠି ଲେଖୁଲେଖୁ ୧୮
୮. ମୁଁ ସେଦିନ ନ ଥିଲେ ୧୯
୯. ମୋ ମନରେ ଆଜି ୨୦
୧୦. ସିଏତ ବୁଝେନା ୨୧
୧୧. ବହୁଦିନ ପରେ ଆଜି ବର୍ଷା ଯାଏ ଝରି ୨୨
୧୨. ତମେ ଜମା ମାନିବନି ୨୩
୧୩. କୋରେଇ, ମହୁଲ, ମାଳତୀ ଫୁଲରେ ୨୪
୧୪. ହଳଦୀବସନ୍ତ ୨୫
୧୫. ବିଶ୍ୱାସ କରି ୨୬
୧୬. ମେଘ ସହ ଦିନେ ୨୭
୧୭. ମଉନୀ ଫୁଲଟି ୨୯
୧୮. କାହିଁ ମେଘ କାହିଁ ପ୍ରିୟ ସହଚରୀ ନଈ ୩୦
୧୯. ଜୀବନକୁ ଆସ ସଜାଇ ଦେବି ମୁଁ ୩୧
୨୦. ମୋ କବିତା ତମେ ପଢ଼ିବ ୩୩
୨୧. ନାଲି କଇଁଟିଏ ୩୪
୨୨. ତୁମେ ମୋର ପଡ଼ୋଶିନୀ ୩୫

Digitized by srujanika@gmail.com

୨୩. ତମ ଆଖି ଡୋଳାର ଭିତରେ	୩୬
୨୪. ସମୟ ତ ଦିନେ ପୋଛି ଦେଇଯିବ	୩୭
୨୫. ତମେ ଫାଲ୍‌ଗୁନ ମଧୁଗନ୍ଧ	୩୮
୨୬. ତମେ ତ ଆସିଲ ନାହିଁ	୩୯
୨୭. ଉଦାସୀନତାରେ ଘାରି ହେଉଥିଲି	୪୦
୨୮. ପ୍ରୀତିମୟ ଏଇ ଜୀବନ ଭିତରେ	୪୧
୨୯. ଅଧାଲେଖା ଚିଠି	୪୨
୩୦. ମୁଁ ସେଦିନ ନଥିଲେ ବି	୪୩
୩୧. ମରଣ ତ ଦିନେ ବାହୁଡ଼ି ଯିବ	୪୪
୩୨. ଗୀତଟିଏ ପରି ଆସିଲ ସେଦିନ	୪୫
୩୩. ବରଷା ଆସିଛି ଆଜି ବହୁ ଦିନ ପରେ	୪୬
୩୪. ଅଳକାନନ୍ଦର ଅଳତାଗାର	୪୮
୩୫. ତୁମେ ଆସିଲେ ଘରକୁ	୪୯
୩୬. ଦୂର ନୀଳଆକାଶ	୫୦
୩୭. ଜାଣେନି କେତେ ଆଉ ବିଷାଦ ନଈକୂଳେ	୫୧
୩୮. ସ୍ୱପ୍ନ ବିଭୋର ଜହ୍ନରାତି	୫୨
୩୯. ଆଷାଢ଼ର ଏଇ ବରଷା ରାତିରେ	୫୩
୪୦. ସେଦିନ ଫଗୁଣ ଆସିଲା ମୋ ପାଶେ	୫୪
୪୧. ତମେ ଗାଇଥିଲ ପ୍ରୀତିର ଗଜଲ	୫୫
୪୨. ଠିକଣା ହଜାଇ ଅଣ୍ଡାଳୁଛି ବସି	୫୬
୪୩. ମତେ ଆଜି କିଏ ଡାକି ଦେଇଗଲା	୫୭
୪୪. ବରଷା ଆସିଲେ	୫୮
୪୫. ଚାଲ ସାଙ୍ଗ ହୋଇ	୫୯
୪୬. କବିତା କି ଏକ ଫଗୁଣ ଗୋଧୂଳୀ	୬୦

Digitized by srujanika@gmail.com

୪୭. ଜୀବନର ଏଇ ଯାତ୍ରାପଥରେ	୬୧
୪୮. ସ୍ମୃତିର ଶ୍ରାବଣ	୬୨
୪୯. ପବନକୁ ଗୀତ ଶୁଣାଇଲା	୬୪
୫୦. ତମସାନଈର ଜଳଆଇନାରେ	୬୫
୫୧. ହଂସଧ୍ୱନୀର ନଈ	୬୬
୫୨. କବି ହୋଇ ଦିନେ	୬୭
୫୩. କୋଟିକମ କବିତାରେ	୬୮
୫୪. ରହିଛି ଖୋଦେଇ ହୋଇ	୬୯
୫୫. ଫଗୁଣର ଫୁଲବନେ	୭୦
୫୬. ମନେପଡ଼େ	୭୨
୫୭. ପାହାନ୍ତି ତାରାର ଲୁହ	୭୩
୫୮. ଅଲିଭା ଅକ୍ଷର ହୋଇ	୭୪
୫୯. ସ୍ୱପ୍ନର କେତେ ଭିଜାଭିଜା ଦିନ	୭୬
୬୦. ସେହି ସୁଷମାର	୭୭
୬୧. ତମେ ଥିଲ ତମ ପରି	୭୮
୬୨. ମୁଁ ନ ଥିବି କି ତୁମେ ବି ନ ଥିବ	୮୦
୬୩. କାଶତଣ୍ଡିର ଗାଁ	୮୧
୬୪. ଗାଥାଟିଏ ପ୍ରଣବର	୮୨
୬୫. ଜୀବନ ଭିତରୁ ଜୀବନ ଖୋଜିବା ପାଇଁ	୮୩
୬୬. ଅନେକ ତରାଟ ମଲ୍ଲୀ	୮୪
୬୭. କେତେ ପୁରାଣରୁ ଇତିହାସ ଡେଇଁ	୮୫
୬୮. ସଜଳ ମେଘର ଛାଇ	୮୬
୬୯. ବଣ ମୟୂରୀର ଛାଇ	୮୭
୭୦. ମୟୂର ଡାକର ଭୂଇଁ	୮୮

Digitized by srujanika@gmail.com

୭୧. କଥାରେ କଥାରେ	୯୦
୭୨. ନେଇଯିବି ଗଲାବେଳେ	୯୨
୭୩. ସ୍ମୃତିର ଗଜଲ	୯୩
୭୪. ଅସରା ଲୁହର ଧାରା ଝରିଆସେ	୯୪
୭୫. ଫେରି ଆସିଛି ମୁଁ	୯୬
୭୬. ତମେ ଟିକି ତାରା, ତମେ ପୁଣି ପକ୍ଷୀ	୯୮
୭୭. ନୀଳ କଇଁ ଆଗୋ ନୀଳ କଇଁ	୯୯
୭୮. ଲୁହ ଜୁଡୁବୁଡୁ	୧୦୦
୭୯. ଯାହା ପାଇଁ ଏତେ	୧୦୧
୮୦. ଅଜଣା ନଈର ଧାରେ	୧୦୨
୮୧. ସମୟର ଏଇ ଚହଲା ପାଣିରେ	୧୦୪
୮୨. ତୁମ ସୁର ବାଜେ	୧୦୬
୮୩. ମୁଁ ଶ୍ରାବଣର ଭରା ନଈ	୧୦୭
୮୪. ମୋତେ କରିଦେଲ ମୁକୁତା	୧୦୮
୮୫. ଏଇ ଗଡ଼ଖାଇ ଦୁର୍ଗ ଭିତରେ	୧୦୯
୮୬. କେମିତି କହିବି	୧୧୧
୮୭. ମୁଠାଏ ଫୁଲର ମାୟା	୧୧୩
୮୮. ଭୁଲି ଯାଇଥିଲି	୧୪୧
୮୯. ଫେରିଯିବି	୧୧୬
୯୦. ମୁଁ ଯେବେ ଲେଖିଲି	୧୧୭
୯୧. ବାପଘର ଗାଁ	୧୧୮
୯୨. ଏଇ ମଧୁଝରା ଫଗୁଣ ଭିତରେ	୧୨୦
୯୩. ଦେଖିଥିଲି ତାକୁ ମାଧବୀ ରାତିରେ	୧୨୧
୯୪. ଫଗୁଣର ମଧୁଝରା ଲଗନେ	୧୨୨
୯୫. ଫୁଲ ହୋଇ ଦିନେ ଝରି ଗଲି ହାୟ	୧୨୩

Digitized by srujanika@gmail.com

ତୁମରି ଗାଁ'ର

ତୁମରି ଗାଁ'ର ନୀଳ ଆକାଶରେ
ସଞ୍ଜତାରା ମୁଁ ହୋଇ
ମରିଗଲାପରେ ଲିଭିବି ନାହିଁ ମୁଁ
ତୁମେ ଦେଖୁଥିବ ରହି
ହାତ ବଢ଼ାଇଲି ଦୂର ଆକାଶକୁ
ଜହ୍ନ ଧରିବା ପାଇଁ
ସ୍ୱପ୍ନ ମଧୁର ଜୀବନ ଭିତରେ
ଯାଇଛି ବିଭୋର ହୋଇ ।
ମୋ ଆଖି ତାରାର ସ୍ୱପ୍ନଟିକକୁ
ଥରେ ଖାଲି ଦିଅ ଛୁଇଁ
ଦେଖିବ କେମିତି ମହକିଉଠିବ
ତୁମ ଛୁଆଁ ଟିକେ ପାଇ ।

Digitized by srujanika@gmail.com

ଦେବତା ମୁଁ ଭାବି ଶାଳଗ୍ରାମକୁ ତ
ଜୀବନେ ପାଇଛି ଭଲ
ନୀଳ ବେଣୀ ନୀଳ ନଈ କୂଳେ ବସି
ସବୁ ଗୀତ ଯିବି ଗାଇ ।
ଜୀବନ ଭିତରୁ ଜୀବନ ଖୋଜିବା ପାଇଁ
ମରିଗଲା ପରେ ଲିଭିବି ନାହିଁ ମୁଁ
ତୁମେ ଦେଖୁଥିବ ରହି ।

Digitized by srujanika@gmail.com

ଦୀପସଳିତାରେ

ଦୀପସଳିତାରେ
ଜଳିଯାଉ ଆଜି
ମୋର ସବୁ ଅହଂକାର
ଆଖିର ଲୁହରେ ଧୋଇ ହୋଇଯାଉ
ଜୀବନର ହାହାକାର ।

ଦୁଇ ଦିନର ଏ ଜୀବନରେ ଯେବେ
ଟିକିଏ ମମତା ପାଇଁ
ଆମେ ଜଣେ ଜଣେ ବାଟୋଇ କେବଳ
ବାଟର ତ ଶେଷ ନାହିଁ ।

ହୃଦୟ ଭିତରେ ଲୁଚାଇ ରଖିଲି
କେତେ ହୀରା ନୀଳା ସ୍ମୃତି
ପାହାନ୍ତି ଆକାଶୁ ଝରି ପଡୁଥିବା
କାକର ବିନ୍ଦୁର ମୋତି ।

Digitized by srujanika@gmail.com

କାହିଁ ମେଘ କାହିଁ ପ୍ରିୟ ସହଚରୀ ନଈ
ଦିନକୁ ଦିନ ମୁଁ ସରିଯାଉଅଛି
ବିନ୍ଦୁଏ ଜଳ ହୋଇ ।

ମରୀଚିକା ପଛେ ଗୋଡ଼ାଇ ହେବା କି
ଶେଷକଥା ଜୀବନର
ଦୀପସଳିତାରେ ଜଳିଯାଉ ଆଜି
ମୋର ସବୁ ଅହଂକାର ।

ମୁଁ ତ ଝରିଯିବି ଫୁଲ ପରି ଦିନେ
ଏ ଜୀବନ ବଗିଚାରେ
ତଥାପି କାହିଁକି ଅନ୍ଧ ମୁଁ ଆଜି
ଗର୍ବ ଓ ଅହଂକାରେ ।

ଦୀପସଳିତାରେ ଜଳି ଯାଉ ଆଜି
ମୋର ଯେତେ ଅହଂକାର
ଆଖିର ଲୁହରେ ଧୋଇ ହୋଇଯାଉ
ଜୀବନର ଅନ୍ଧାର ।

Digitized by srujanika@gmail.com

ଗୀତଟିଏ ପରି

ଗୀତଟିଏ ପରି ଆସିଲ ସେ ଦିନ
ମୋ ମନକୁ ମହକାଇ
ଛୁଇଁ ଦେଇ ଗଲ ଖିଆଲୀ ମନକୁ
ମୁଠାଏ ସପନ ହୋଇ ।

ଶରତ ନଈର ଜଳ ଅଇନାରେ
ତୁମରି ମନର ଛାଇ
ମୁଗ୍ଧ ଏ ମୋର ମଧୁପାୟୀ ମନ
ଖୋଜୁଛି ବିଭୋର ହୋଇ ।

Digitized by srujanika@gmail.com

କେଉଁ ଏଲୋରାର ମୁଖଶାଳା ତୁମେ
କୋଣାର୍କ କାରୁ କଳା
ବିରହୀ କବିର କାବ୍ୟ ନାୟିକା
ସୁତନୁକା ଚାରୁଶିଳା ।

ତୁମ ପାଇଁ କବି ଗୁନ୍ଥିଛି କେତେ
କବିତାର ଫୁଲମାଳା
ତୁମେ ସତେ ଆଗୋ ପ୍ରୀତିର ପୂରବୀ
ମୋ ଭାବନା ଗଲ ଛୁଇଁ
ଗୀତଟିଏ ପରି ଆସିଲ ସେଦିନ
ମୋ ମନକୁ ମହକାଇ ।

Digitized by srujanika@gmail.com

ବରଷା ଆସିଛି

ବରଷା ଆସିଛି ଆଜି ବହୁଦିନ ପରେ
ନୂଆଁଣିଆ ଆକାଶରେ
ମମତାର ଚିଠି ହୋଇ
ଶାଗୁଆ ଓଢ଼ଣୀ ତଳେ ତମ ଗାଆଁ
ଚୁପ୍ ଚାପ୍ ଥିବ ଶୋଇ।

ଟୋପି ଟୋପି ଟୋପି ବିନ୍ଦୁ ବରଷା
ଲାଗିଥିବ ଅବିରତ
ମହ୍ଲାର ରାଗ ବାଜୁଥିବ ରହି ରହି
ତୁମ ମନେ ଅବିରତ
ବରଷାର ଧାରା ଝରି ଯାଉଥିବ
ସବୁଜ ପତର ଛୁଇଁ
ବରଷା ଆସିଛି ଆଜି।

Digitized by srujanika@gmail.com

ଭଲ ପାଇବାର ଚିଠିଟିଏ ହୋଇ
ବରଷା ଆସିଛି ଆଜି
ଅନେକ ସପନ ନେଇ;
ଭିଜା ମାଟିର ଏ ମଧୁର ମହକେ
ହୃଦୟ ଯାଉଛି ଭିଜି ।

ଆକାଶେ ବତାସେ ଶୁଭେ ଆଜି
ଶ୍ରାବଣର ସାହାନାଇ ।
ବରଷା ଆସିଛି ଆଜି ।

Digitized by srujanika@gmail.com

ବଣୁଆ ନଈ

ବଣୁଆ ନଈର ହାତ ପାପୁଲିରେ
ଜହ୍ନ ଉଇଁଲା ବେଳେ
ବାଦସାହୀ ତା'ର ମନର ମହଲେ
ପ୍ରୀତିର ଦୀପାଳି ଜଳେ ।।

ପ୍ରୀତି କିବା ଏକ ମନୋଇ ଝିଅର
ମଂଜୁଆତି ରଂଗ ହସ
ସାତ ସାଗରର ନୀଳିମା ଭିତରେ
ଆଖିରେ ତା ପ୍ରୀତି ରାସ
ଗୋଧୂଳି ଲଗନ ଅନୁରାଗ ହୋଇ
ପ୍ରୀତିର ପାଖୁଡ଼ା ମେଲେ ।
ମହୁଲ ଫୁଲର ମହକ ଭିତରେ
ବଣୁଆ ନଈର ଧାର
ମାଦକତା ଭରା ମନ ଯମୁନାରେ
ଲେଖା କେତେ କବିତାର
ଭଲ ପାଇବାର ପୁଲକ ଭିତରେ
ନିତି ସିଏ ଆଖି ଖୋଲେ ।

Digitized by srujanika@gmail.com

ଖିଆଲୀ ମନର

ଖିଆଲୀ ମନର କଳ୍ପନା ତମେ
ଝରା ଶୋଫାଳିର ଗୀତି
ସାତ ସାଗରର ଅତଳ ଜଳରେ
ଖୋଜେ ମୁଁ ତୁମରି ପ୍ରୀତି ।
ଝାଉଁବନ ତଳ ଉତ୍ତାଳ ଢେଉ
ମେଘ ମହ୍ଲାର ତୋଳେ
ଶ୍ରାବଣ ମେଘର ନୀଳ ଅଂଚଳ
ମୋ ମନେ ସପନ ଆଣେ
ନୀରବ ମନର ମୂର୍ଚ୍ଛନା ତୁମେ
ପ୍ରଥମ ପ୍ରଣୟ ସ୍ମୃତି ।

Digitized by srujanika@gmail.com

ହଜିଲା ଅତୀତ ମନ ଅଗଣାରେ
ମେଘ ଯେବେ ଯାଏ ଝରି
ଜୀବନର ସେଇ ମଧୁ ଛନ୍ଦରେ
ମୁଁ କେବେଳ ହୁଏ ଝୁରି ।
ସ୍ୱପ୍ନ ବିଭୋର କବି ଲେଖନୀରେ
ଖୋଜୁଛି ତୁମରି ସ୍ମୃତି ।

ଖିଆଲୀ ମନର କଳ୍ପନା ତମେ
କବି ଲେଖନୀର ଗୀତି
ସାତ ସପନର ଅତଳ ତଳେ ମୁଁ
ଖୋଜୁଛି ତୁମରି ପ୍ରୀତି ।
ଖିଆଲୀ ମନର କଳ୍ପନା ତମେ
ଝରା ଶେଫାଳିର ଗୀତି ।

Digitized by srujanika@gmail.com

ଚିଠି ଲେଖୁଲେଖୁ

ଚିଠି ଲେଖୁଲେଖୁ ତମକୁ ସେଦିନ
ଚିଠି ହୋଇଗଲା କବିତା,
ସେ କବିତା ପୁଣି ପାଲଟି ଯାଇଛି
ସ୍ମୃତି ଓ ପ୍ରେମର ସଳିତା ।

ପ୍ରେମ ପୁଣି ଦେଖ ସ୍ମୃତିଟିଏ ହୋଇ
ମୋ ସହିତ ଗପ କରୁଛି,
କାହିଁକି ଲେଖିଲି ଚିଠି ମୁଁ ତୁମକୁ
ସେ କଥା କେବଳ ଭାବୁଛି ।

ଚିଠି ଲେଖୁ ଲେଖୁ ତମକୁ ସେଦିନ
ଚିଠି ହୋଇଗଲା କବିତା,
ପରଶ ପଥର ଛୁଇଁ ଦେଇ ମୋତେ
କରିଦେଲ ସତେ ମୁକୁତା ।

Digitized by srujanika@gmail.com

ମୁଁ ସେଦିନ ନ ଥିଲେ

ମୁଁ ସେଦିନ ନ ଥିଲେ ବି ମୋ କବିତା ଥିବ
ମୁଁ ସେଦିନ ନ ଥିଲେ ବି ମୋ ଗୀତ ଥିବ
ସୂର୍ଯ୍ୟକୁ ମୁହଁ କରି ଛିଡ଼ା ହୋଇଥିବା ଏକ
କନିଅର ଗଛଟିଏ ଥିବ।
ମୁଁ ସେଦିନ-
ଭଲ ପାଇବାରେ ଦିନେ
ଭିଜିଥିବା ଚିଠି ସବୁ
ପେଡିଲୁଗା ପରି ସେ ତ
ସାଇତା ଯେ ଥିବ
ସୂର୍ଯ୍ୟକୁ ମୁହଁକରି ଛିଡ଼ା ହୋଇଥିବା
ଏକ କନିଅର ଗଛଟିଏ ଥିବ।

ଛୁଇଁଦେଇ କବିତାକୁ
ତମେ ସତେ ମହକି ଉଠିବ
ମୁଁ ସେଦିନ ନ ଥିଲେ ବି ମୋ କବିତା ଥିବ।

Digitized by srujanika@gmail.com

ମୋ ମନରେ ଆଜି

ମୋ ମନରେ ଆଜି ଆଙ୍କିଦେଲା କିଏ
ବଣ ମୟୂରୀର ଛାଇ
ସେ ଛାଇ ଭିତରେ ଚହଲି ଉଠିଲା
ଶରତର ନୀଳ କଇଁ ।

ପ୍ରୀତିର ପୂରବୀ ରାଗ ଆଶାବରୀ
ଜୀବନକୁ ମହକାଇ
ଆକାଶର ଶତ ଇନ୍ଦ୍ରଧନୁର
ରଙ୍ଗ ଖେଳାଇ ଦେଇ ।
ସଜାଇ ଦିଅ ଗୋ ଜୀବନକୁ ଆଜି
ସମୟକୁ ମହକାଇ ।

ଶରତର ଶତ ଶରଧାର ଧାରା ତମ ମନେ ଗଲା ଝରି
କଥା ରହିଯାଏ ଅକୁହା ଏମିତି ସମୟ ବି ଯାଏ ସରି
ସଞ୍ଜ ତାରା ମୁଁ ନୀଳ ଆକାଶରେ କେବେ ବି ଲିଭିବି ନାହିଁ
ମୋ ମନରେ ଆଜି ଆଙ୍କିଦେଲା କିଏ ବଣ ମୟୂରୀର ଛାଇ ।

Digitized by srujanika@gmail.com

ସିଏତ ବୁଝେନା

ସିଏତ ବୁଝେନା କେବେ ମୋ ମନର ଅନୁରାଗ
ସିଏତ ମାପେନା କେବେ ମୋ ହୃଦୟ ଅନୁଭବ।
ନିଥର ନଈଟି ପରି ମୋ ପାଖରେ ଯାଏ ବହି
ମୋ ନିବିଡ଼ ମନ ତଳ ଅନ୍ଧାର ଛୁଇଁ ଛୁଇଁ ।
କରିନି ମୁଁ କେବେ ଦିନେ ତା ପାଖରେ ଅଭିଯୋଗ
ସିଏ ଏକ ବିଷାଦିନୀ ନଈର ଉଜାଣି ଝର
ଗୋପନରେ ମୋ ଚେତନା ଛୁଇଁଯାଏ ବାରବାର
କିପରି ମାପିବ ଅବା ମୋ ମନର ଅନୁଭବ।
ସିଏ ଏକ ଅପାଶୋରା ସଙ୍ଗୀତ ମୂର୍ଚ୍ଛନା
ଦୂର ନୀଳ ସାଗରର କଂପିତ ଜଳକଣା ।
କେତେ କଥା କହିବାକୁ ଥିଲା ତାରେ
କିଛି କହି ପାରି ନାହିଁ।

Digitized by srujanika@gmail.com

ବହୁଦିନ ପରେ ଆଜି ବର୍ଷା ଯାଏ ଝରି ଝରି

ବହୁଦିନ ପରେ ଆଜି ବର୍ଷା ଯାଏ ଝରି ଝରି
ବାସ୍ନାଭରା ଦିନ ସବୁ ମନେପଡ଼େ ଭାରି
ଅତୀତର ସ୍ମୃତି ସବୁ
ମନରେ ହୁଏ ଘାରି ।
ସ୍ମୃତି ଏକ ଦୁଷ୍ଟ ଝିଅ ଭୀଷଣ ଅମାନିଆ
କେତେବେଳେ ହସୁଥାଏ
କେତେବେଳେ କାନ୍ଦୁଥାଏ
କିଛି କେବେ ନାହିଁ ତା ଠିକଣା ।

ବର୍ଷା ରାତେ ମନରେ ମୋର
ସ୍ମୃତିର ଝିଅଟିଏ
ସାରା ରାତି ବର୍ଷା ଆସି ମୋ ସହ ଗପୁଥାଏ
ବହୁଦିନ ପରେ ଆଜି ବର୍ଷା ଯାଏ ଝରି ଝରି
ବାସ୍ନାଭରା ଦିନ ସବୁ ମନେ ପଡ଼େ ଭାରି ।

Digitized by srujanika@gmail.com

ତମେ ଜମା ମାନିବନି

ତମେ ଜମା ମାନିବନି
ଯଦି ମୁଁ କହିବି ଆଜି
ମୋ ମନର ପ୍ରତିଟି ଗଳିରେ
ତମରି ପ୍ରୀତିର ସ୍ୱର
ବାଜୁଥାଏ ସବୁବେଳେ
ଜୀବନର ଅଯୁତ ବେଳାରେ
ଅନେକ କବିତା ଫୁଟେ
ମୋ ମନରେ ତମ ପାଇଁ
ତମେ ତା'ର ରଖନି ଖବର
ତମକୁ ପାଇବା ପାଇଁ
କେତେ ବେଦନାକୁ ଆଜି
ମନେ ନାହିଁ କରିଛି ନିଜର
ହେ ମୋର ଅବୁଝା ପ୍ରିୟ
ତୁମକୁ ମୁଁ ସବୁ ଦେଇ
ଆଜି ଖାଲି କେବଳ ଶୂନ୍ୟତା ।

Digitized by srujanika@gmail.com

କୋରେଇ, ମହୁଲ, ମାଳତୀ ଫୁଲରେ

କୋରେଇ, ମହୁଲ, ମାଳତୀ ଫୁଲରେ
ଭରା ମୋର ପିଲାଦିନ
ବାଉଁଶବଣର ଅନ୍ଧାରୁଆ ବନେ
ଫଗୁଣର ଆବାହନ।
କଞ୍ଚାହଳଦୀ ବାସ୍ନାରେ ଦିନେ
ଫଗୁଣ ଭୁଲିଲା ସ୍ୱର
ଟିପିଟିପି କେତେ ଜହ୍ନିଫୁଲରେ
ଗୁନ୍ଥି ଥିଲି ମୁଁ ହାର।
ଅତୀତ ଯାଇଛି ଅତୀତରେ ମିଶି
ଆଜି ନାହିଁ ପିଲାଦିନ।
କେଉଁଠି କେଜାଣି ଛାଡ଼ି ଆସିଛି ମୁଁ
ସ୍ମୃତିର ମଧୁବନ।

Digitized by srujanika@gmail.com

ହଳଦୀବସନ୍ତ

ହଳଦୀବସନ୍ତ ଅଳସ ଲଗନେ
ରହିରହି ଡାକଦିଏ
କବି ଜୀବନର ମଧୁଝରା ଗାନ
ସତେ କି ସେ ଗାଉଥାଏ।
ପ୍ରୀତିଝରା ସେଇ ଗାନର ଭିତରେ
ବରଷେ ପ୍ରୀତିର ଫୁଲ
ମଧୁଝରା ସେଇ ଗଜଲ ସହିତ
ମୁକୁତା ହେବ କି ତୁଲ
କବି ଜୀବନର ଏକି ଆଲୋଡନ
ହୃଦୟକୁ ଛୁଇଁଯାଏ।

ହଳଦୀବସନ୍ତ ଉଡ଼ି ଆସିଅଛି କେଉଁ ଦୂର ବନାନୀରୁ
କବିର ଲେଖନୀ ଚଞ୍ଚଳ ହେବ ମହକିବ ତୀର ତରୁ।

ମଳୟ କି ସତେ ଛପିଛପି ଆସି
ଲୁଚକାଳି ଖେଳୁଥାଏ
ହଳଦୀବସନ୍ତ ଅଳସ ଲଗନେ
ରହିରହି ଡାକ ଦିଏ।

Digitized by srujanika@gmail.com

ବିଶ୍ୱାସ କରି

ବିଶ୍ୱାସ କରି
ସାରାଟା ଜୀବନ
ବିଷ ମୁଁ କରିଛି ପାନ,
ସେଇ ବିଷ ଦେଇ
ପ୍ରତିମା ଗଢ଼ିଛି
କରିଛି ମୁଁ ମହିୟାନ।
ବିଷ ବି ଜୀବନେ
ଅମୃତ ହୁଏ
ଅମୃତ କେବେ ବିଷ,
ବିଶ୍ୱାସ ଦେଇ
ବିଷ ମିଳେ ଯଦି
ନାହିଁ ମୋର ଅବସୋସ।

Digitized by srujanika@gmail.com

ମେଘ ସହ ଦିନେ

ମେଘ ସହ ଦିନେ
ସଙ୍ଗାତ ବସିଲି
ବରଷାକୁ କଲି ମିତ
ନଈ ସହ ମିଶି
ଗୁଣୁଗୁଣୁ ହୋଇ
ଗାଇଲି ମୁଁ କେତେ ଗୀତ ।

ମେଘ ଚାଲିଗଲା
ମେଘର ବାଟରେ
ବରଷା ବି ଗଲା ଫେରି
ନଈ ମିଶିଗଲା
ସାଗର ବୁକୁରେ
ମୁଁ କେବଳ ହୁଏ ଝୁରି ।

Digitized by srujanika@gmail.com

ମନଅଗଣାରୁ
ଫୁଲଗଛଟି ତ
କେବେ ଠୁଁ
ଗଲାଣି ମରି ।
ଛପିଛପି ଆସି
ମେଘ ଯଦି ମୋର
ଅଗଣାରେ ଯିବ ଝରି ।
ଫୁଲ ମହକରେ
ମୋ ଟିକି ଅଗଣା
ସରାଗେ ଉଠିବ ପୂରି ।

Digitized by srujanika@gmail.com

ମଉନୀଫୁଲଟି

ମଉନୀଫୁଲଟି ଏତେ ଦିନ ପରେ
ଫୁଟିଲା କେମିତି ସତେ
ଶିଶିର ହଜଲା ସୁରଭି ପଖଳା
ମଧୁମାଳତୀର ସାଥେ।

ସବୁଜିମା ଭରା ମନ ବଗିଚାରେ
କୋଇଲି ଉଠିଲା ଡାକି
ଚିତ୍ରିତ କେତେ ପ୍ରଜାପତି ଆସି
ଆଲ୍‌ପନା ଗଲେ ଆଙ୍କି
ସେଇ ଆଲ୍‌ପନା କଳପନା ସାଥେ
ଛୁଇଁ ଦେଇଗଲା ମୋତେ।

ମନ ତଳେତଳେ ଶତ ସପନର
ଝରଣା ଗଲା ଯେ ବହି
ସେ ଫୁଲଟି କଥା ଆଜିଯାଏ ମୁହିଁ
କାହାକୁ ତ କହିନାହିଁ
ନାଆଁ ନଜଣା ସେ ମଉନୀ ଫୁଲଟି
ଚମକାଇ ଦେଲା ମତେ।

Digitized by srujanika@gmail.com

କାହିଁ ମେଘ କାହିଁ ପ୍ରିୟ ସହଚରୀ ନଈ

କାହିଁ ମେଘ କାହିଁ ପ୍ରିୟ ସହଚରୀ ନଈ,
ମୁଁ ସରି ଯାଉଛି ଦିନୁ ଦିନ ଆଜି
ଶୂନ୍ୟ ଆକାଶେ ଚାହିଁ।

ସୁନାର ଝରଣା ଫିଟି ପଡ଼ିଥିଲା
ଚେତନାକୁ ମୋର ଛୁଇଁ
ସେଇ ଝରଣାରେ ଦୋଳି ଖେଳୁଥିଲା
ଫାଲଗୁନ ମଧୁ ଛାଇ
କାହିଁ ଫାଲଗୁନ କାହିଁ ମୋର ପ୍ରିୟ ନଈ
ମୁଁ ସରିଯାଉଛି ତିଳତିଳ ହୋଇ
ସଂଜ ଆସୁଛି ନଇଁ।

କାହିଁ ମେଘ କାହିଁ ପ୍ରିୟ ସହଚରୀ ନଈ,
ଦିନକୁ ଦିନ ମୁଁ ସରି ଯାଉଅଛି
ବିନ୍ଦୁଏ ଜଳ ହୋଇ।

Digitized by srujanika@gmail.com

ଜୀବନକୁ ଆସ ସଜାଇ ଦେବି ମୁଁ

ଜୀବନକୁ ଆସ ସଜାଇ ଦେବି ମୁଁ
ଗଙ୍ଗଶିଉଳି ହାରେ
ମନ ମାରି କିଆଁ ବସିଛ ଏମିତି
ନିଛାଟିଆ ଅନ୍ଧାରେ।

ପକ୍ଷୀକୁ କହିବି ଗୀତ ଗାଇବାକୁ
ତୁମ ବଗିଚାର ନିତି ଚମ୍ପାର ଡାଳେ
ଭଲ ପାଇବାର ଚାରା ଗଛଟିକୁ
ପୋତି ଦେବି ତୁମ ସୁବାସିତ ହୃଦୟରେ।
ସେଇ ସୁବାସର କଅଁଳ ପରଶେ
ସ୍ମୃତି ଭରା ମହକରେ
ପଲ୍ଲବିତ ହେବ ପ୍ରୀତିର ପାଖୁଡ଼ା
ଏ ଧରଣୀ ଧୂଳି ଘରେ।

ସ୍ନେହରେ ସଜଳ ଟିକି ଚଢ଼େଇଟି ନୀଡ଼ଟି ରଚିବ ତା'ର
ତୁମରି ଶୋଇବା ଘରେ ତାହାରି କଣ୍ଠେ ଝଙ୍କୃତ ହେବ
ପ୍ରଭାତି ପ୍ରଣବ ସ୍ୱର।

Digitized by srujanika@gmail.com

ସେ ସୁର ମହକେ ମୋ ଟିକି ଅଗଣା
ସରାଗେ ଉଠିବ ପୂରି
ଜୀବନ ଭିତରୁ ଜୀବନ ଖୋଜିବି
ସବୁ ଦୁଃଖ ଯିବ ସରି ।

ଉଦାସୀନତାରେ ଘାରି ହେଉହେଉ
ସମୟ ତ ଯିବ ସରି
ଦୁଇଦିନ ଜୀବନରେ
ଜୀବନକୁ ଆସ ସଜାଇ ଦେବି ମୁଁ
ଗଙ୍ଗଶିଉଳି ହାରେ ।

Digitized by srujanika@gmail.com

ମୋ କବିତା ତମେ ପଢ଼ିବ

ମୋ କବିତା ତମେ ପଢ଼ିବ ବୋଲି ତ
ନଦୀ ପର୍ବତ ଡେଇଁ
ମୋ କବିତା ତମେ ଶୁଣିବ ବୋଲି ତ
ଦୂରରୁ ଆସିଛି ଧାଇଁ
ଲିଭି ଯାଉଥିବା ଦୀପଟିକୁ ନେଇ
କବିତା ଲେଖିଛି ମୁହିଁ।

ଝୋଟି ମୁରୁଜର ଲକ୍ଷ୍ମୀ ପାଦରେ
ମଗୁଶୀର ମାସ ଶିଶିର କଣାରେ
କବିତାର ଟିକି ପ୍ରତିମା ଥାପିଛି ମୁହିଁ
ମୋ କବିତା ତୁମେ ଶୁଣିବ ବୋଲି ତ
ଆସିଛି ଆଜି ମୁଁ ନଦୀ ପର୍ବତ ଡେଇଁ।

ପିଲାଦିନ ପରି କହିବ ମୋ କାନେ କିଛି ଜମା ଭୁଲିନାହିଁ
ପୃଥିବୀରୁ କେବେ ଶୁଖିଯାଏ ନାହିଁ ଭଲ ପାଇବାର ନଈ
ଦୀପଟିକୁ ଦୁହେଁ ଜାଳିଦେବା ଚାଲ ନୂଆ ଶୁଭଦିନ ପାଇଁ।

Digitized by srujanika@gmail.com

ନାଲିକଇଁଟିଏ

ନାଲିକଇଁଟିଏ ଫୁଟିଲା କେମିତି
ଆଜି ଏତେ ଦିନ ପରେ
ତୁମରି ନାଁ ତ ଲେଖା ହୋଇଅଛି
ତା'ର ପ୍ରତି ପାଖୁଡ଼ାରେ।

ଯାହାଯାହା ମୋର ହଜି ଯାଇଅଛି
ଆଜି ମୋର ଜୀବନରେ
ଯାହାଯାହା ଅବା ହଜାଇ ଦେଇଛି
ଅଜାଣତେ କେତେବେଳେ
ସେ ସବୁ ଯେମିତି ଲହରୀ ଖେଳୁଛି
ନୀଳ ଢେଉ ନୀଳ ଜଳେ।

ଏ ଗାଆଁକୁ ସତେ ଆସିଛି ବୋଲି ମୁଁ
ଆଜି ଏତେ ଦିନ ପରେ
ତୁନିତାନି ହୋଇ ନାଲିକଇଁଟିଏ
ପାଖୁଡ଼ା ମେଲୁଛି ଧୀରେ।

Digitized by srujanika@gmail.com

ତୁମେ ମୋର ପଡ଼ୋଶିନୀ

ତୁମେ ମୋର ପଡ଼ୋଶିନୀ
ଶଇଶବ ନଈ ଗୋ
ଭିଜାଭିଜା ଅତୀତର କଇଶୋର ସହି ଗୋ
ଆଖି ଖୋଲି ଥରୁଟିଏ ଦିଅ ମୋତେ ଚାହିଁ ଗୋ
ବହୁଦିନ ପରେ ମୁଁ ଯେ ଆସିଛି
ତମ ସ୍ମୃତି ଗନ୍ଧରେ ବିଭୋର ମୁଁ ହୋଇଛି ।

ତୁମେ ମୋର ଉଦାସୀନ
ମନ ତଳ ସପନ
ଦୂର ନୀଳ ଅତୀତର
ସ୍ମୃତିଭିଜା ଫଗୁଣ ।

ତୁମ ଭୀରୁ ଚାହାଣୀରେ ଦିଅ ଥରେ ଛୁଇଁ ଗୋ
ତୁମେ ମୋର କଇଶୋର
ପଡ଼ୋଶିନୀ ନଈ ଗୋ ।

Digitized by srujanika@gmail.com

ତମ ଆଖିଡୋଳାର ଭିତରେ

ତମ ଆଖିଡୋଳାର ଭିତରେ
ବିଶ୍ୱାସର ଦୀପ ହୋଇ
କିପରି ମୁଁ ଜଳିପାରେ
ଝରାପତ୍ର ମଉଳା ସଙ୍ଗରେ ।

ସମୟ ତ ସରିଯିବ
ଛାଇ ଆଉ ଆଲୁଅ ଖେଳରେ
ବିଶ୍ୱାସର ଦୀପଟିକୁ
ଜଳାଇ ରଖିଛି ଆଜି
ସମୟର ଦୀପରୁଖା ପରେ ।
ବାରବାର ଜଳୁଛି ମୁଁ
ବାରବାର ଲିଭୁଛି ମୁଁ
ମୋ ଆଖି ଦେଇଛି ବାନ୍ଧି
ସମୟ ତା କପଟ ହାତରେ ।

ବିଶ୍ୱାସର ଦୀପ ହୋଇ କିପରି ମୁଁ ଜଳିପାରେ
ଝରାପତ୍ର ମଉଳା ସଙ୍ଗରେ ।

Digitized by srujanika@gmail.com

ସମୟ ତ ଦିନେ ପୋଛି ଦେଇଯିବ

ସମୟ ତ ଦିନେ ପୋଛି ଦେଇଯିବ
ହାତ ପାପୁଲିରେ ତା'ର
ଭଲ ପାଇବାର ଭୂମିକା ଭିତରେ
ସ୍ୱରଲିପି ଅତୀତର ।

କଅଁଳ ଘାସର ଶିଶିର ଉପରେ
ସୁରୁଜର ଲୁହ ହୋଇ
ଝରି ପଡ଼ିଥିଲି ଲୁହ ବିନ୍ଦୁ ମୁଁ
କାହାର ପରଶ ପାଇ
ସ୍ୱପ୍ନ ମୁଁ ବଉଳର
ସମୟ ତ ଦିନେ ପୋଛି ଦେଇଯିବ
ହାତ ପାପୁଲିରେ ତା'ର ।

ଋତୁଗନ୍ଧା ମୁଁ ବସୁନ୍ଧରା
ଶାମୁକାର ଲୁହ ଧାର
ଭଲ ପାଇବାର ଭୂମିକା ଭିତରେ
ସ୍ୱରଲିପି ଅତୀତର ।

Digitized by srujanika@gmail.com

ତମେ ଫାଲ୍‌ଗୁନ ମଧୁଗନ୍ଧ

ତମେ ଫାଲ୍‌ଗୁନ ମଧୁଗନ୍ଧ
ତମେ ବର୍ଷାର ପ୍ରୀତିଛନ୍ଦ
ତମେ ଗୁରୁଗମ୍ଭୀର ମହାନନ୍ଦାର
ପ୍ରଗଲ୍‌ଭା ଗୀତିଛନ୍ଦ
ତମେ ଫାଲ୍‌ଗୁନ ମଧୁଗନ୍ଧ ।
ତମେ ତପସ୍ୱିନୀ ବ୍ରଜମଲ୍ଲୀ
ତମେ ଲୀଳାୟିତ ଧୀରବଲ୍ଲୀ
ତମେ ସୁରଭିତ ସ୍ମୃତିଗନ୍ଧ
ତୁମ ମହକରେ ଜୀବନେ ମୋ ଆଜି
ଆସିଛି ନୂତନ ଛନ୍ଦ
ତମେ ଫାଲ୍‌ଗୁନ ମଧୁଗନ୍ଧ ।

Digitized by srujanika@gmail.com

ତମେ ତ ଆସିଲ ନାହିଁ

ତମେ ତ ଆସିଲ ନାହିଁ
ଇଛାମତୀ ନଈଟିଏ ହୋଇ
ମୋ ମନର ପାହାଚକୁ
ଗୋପନରେ ଦେଇଥିଲ ଛୁଇଁ ।

ତମେ ତ ଆସିଲ ନାହିଁ
ପାହାଡ଼ରୁ ବଉଳ ଝରାଇ
ଫଗୁଣର ଫୁଲବନେ
ଆନମନା ପ୍ରଜାପତି ହୋଇ
ଗୁରୁଗୁରୁ ହଳଦିଆ
ରଙ୍ଗରେ ଗାଧୋଇ ।

ତମେ ତ ଆସିଲ ନାହିଁ
ଗୁଣୁଗୁଣୁ ଗୀତଟିଏ ହୋଇ
ମୋ ନିଥର ମନଟାକୁ
ଥରୁଟିଏ ଚହଲାଇ ଦେଇ ।

Digitized by srujanika@gmail.com

ଉଦାସୀନତାରେ ଘାରି ହେଉଥିଲି

ଉଦାସୀନତାରେ ଘାରି ହେଉଥିଲି
ଭିତରେ ଭିତରେ ମୁହିଁ
ସାରା ଦୁନିଆଁର ନୀତି ନିୟମରେ
ବନ୍ଧାଥିଲି ମୁଁ ହୋଇ ।
ମେଘ ପରି ତମେ ଆଖି ମେଲାକରି
ପାଖକୁ ଆସିଲ ମୋର
ଗୋପନରେ ଦିନେ ଉଦାସୀନତାକୁ
ତମେ ଦେଇଥିଲ ଛୁଇଁ ।

ମୁଁ ମହକି ଗଲି ଭିତରେ ଭିତରେ ଫୁଲଭରା ଗଛ ହୋଇ
ପୁଲକର ବନ୍ୟା ଖେଳିଗଲା ମୋର ଉଦାସୀନତାକୁ ଛୁଇଁ ।

ମୁଁ ସତେ କି ଆଜି ସ୍ୱରଲିପି କବିତାର
ଭଲ ପାଇବାର ଗଙ୍ଗୋଦକ ବିଞ୍ଚିଦେଇ
ଶିଳା ବନ୍ଧୁର ଶଯ୍ୟାରେ ଆଜି
ଟୋପାଏ ଗଙ୍ଗୋତ୍ରୀ ମୁହିଁ ।

Digitized by srujanika@gmail.com

ପ୍ରୀତିମୟ ଏଇ ଜୀବନ ଭିତରେ

ପ୍ରୀତିମୟ ଏଇ ଜୀବନ ଭିତରେ
ଗୀତିମୟ ଏଇ ସ୍ୱପ୍ନ ଭିତରେ
ତୁମେ ମୁଗ୍ଧ ମଧୁର ଅନୁଭବ ।
ମଞ୍ଜୁଆତିର ମଞ୍ଜୁଳ ଆଭା
ରାଗ ଆଶାବରୀ ସ୍ପନ୍ଦନ ବିଭା
ତୁମେ ସ୍ୱପ୍ନ ବିଭୋର ଅନୁରାଗ ।

ପାହାଡ଼ୀଝରଣା ମୂର୍ଚ୍ଛନା ତମେ
ପ୍ରଥମ ପୁଲକ ସ୍ୱପ୍ନ ମେଖଳା
ପ୍ରେମର ପୂର୍ବରାଗ ।
ପ୍ରୀତିମୟ ଏଇ ଜୀବନ ଭିତରେ
ତୁମେ ମୁଗ୍ଧ ମଧୁର ଅନୁଭବ ।

Digitized by srujanika@gmail.com

ଅଧାଲେଖା ଚିଠି

ଅଧାଲେଖା ଚିଠିଟିକୁ ଶେଷ କରିଦିଅ
ଅଧାଦେଖା ସପନକୁ ମୋ କାନରେ କୁହ ।
ତୁମେ କି ବୁଝିଛ କେବେ ମୋ ମନର କୋହ
ସବୁ କୋହ ଭିତରେ ଯେ ଦିଶେ ତମ ମୁହଁ
ନୀରବ ଗୋଧୂଳୀ ତୀରେ
ଝିରିଝିରି ସ୍ୱପ୍ନ ହୋଇ
ଅନୁରାଗେ ମୋ ମନକୁ
ଧୀରେ ଛୁଇଁ ଦିଅ ।

ମୋ ଆଖି ଡୋଳାରେ ଆଜି ତମ ଆଖି ଲୁହ
ସବୁତକ ଲୁହ ତମେ ମୋତେ ଦେଇଦିଅ ।
ନଈ ହୋଇ ବୋହିଯାଉ ସବୁ ତମ ଲୁହ
କହିବାକୁ ଅଛି ଯାହା ଆଜି କହିଦିଅ
ଅଧା ଦେଖା ସପନକୁ ମୋ କାନରେ କୁହ ।



Digitized by srujanika@gmail.com

ମୁଁ ସେଦିନ ନଥିଲେ ବି

ମୁଁ ସେଦିନ ନଥିଲେ ବି ମୋ କବିତା ଥିବ
ମୁଁ ସେଦିନ ନଥିଲେ ବି ଗୀତ ମୋ'ର ଥିବ ।

ଦୁଇ ଆଖି ଭରିଯିବ ମୋ ସ୍ମୃତି ଲୁହରେ
ହୃଦୟ ବି ପୂରିଯିବ କବିତା ବାସ୍ନାରେ
କବିତା ଖାତାର ଧୂଳି ବୋଳି ହୋଇଯିବ
ମୁଁ ସେଦିନ ନ ଥିଲେ ବି ମୋ କବିତା ଥିବ ।

ପୁରୁଣା ଚିଠି ସବୁକୁ ସାଇତି ରଖିବ
ଚିଠି ତ ସ୍ମୃତିର ଘର କେମିତି ଭୁଲିବ
ମୁଁ ସେଦିନ ନ ଥିଲେ ବି ମୋ କବିତା ଥିବ ।

Digitized by srujanika@gmail.com

ମରଣ ତ ଦିନେ ବାହୁଡ଼ି ଯିବ ଗୋ

ମରଣ ତ ଦିନେ ବାହୁଡ଼ି ଯିବ ଗୋ
ତୁମରି ପ୍ରଣୟ ପାଇଁ
ମୁଁ ମରି ପାରିବି ନାହିଁ
ତୁମରି ପ୍ରଣୟ ମୁକୁତା ମାଳାଟି
ମୋ ସହିତ ଥିବ ରହି ।

ତୁମରି ମନର ନୀଳ ଆକାଶରେ
ଅଲିଭା ତାରାଟି ମୁହିଁ
ମରିଗଲା ପରେ ସେମିତି ସେ ତାରା
ଚିରକାଳ ଥିବ ରହି
ମରଣ ତ ଦିନେ ବାହୁଡ଼ି ଯିବ ଗୋ
ମୁଁ ମରି ପାରିବି ନାହିଁ ।

ଭଲ ପାଇବାର ଦୀପଟିକୁ ଆଜି
ଜଳାଇ ରଖିବା ପାଇଁ
ତମ ମନେ ଦେଖି ଝଟକୁଛି ମୁହିଁ
ପ୍ରଥମ ପ୍ରଣୟ ହୋଇ ।

Digitized by srujanika@gmail.com

ଗୀତଟିଏ ପରି ଆସିଲ ସେଦିନ

ଗୀତଟିଏ ପରି ଆସିଲ ସେଦିନ
ମୋ ମନକୁ ମହକାଇ
ଛୁଇଁ ଦେଇଗଲ ଖିଆଲି ମନକୁ
ମୁଠାଏ ସପନ ହୋଇ।

ଶରତ ନଈର ଜଳ ଅଇନାରେ ତୁମରି ମନର ଛାଇ
ମୁଗ୍ଧ ଏ ମୋର ମଧୁପାୟୀ ମନ ଖୋଜୁଛି ବିଭୋର ହୋଇ।

କେଉଁ ଏଲୋରାର ମୁଖଶାଳା ତୁମେ
କୋଣାରକ କାରୁକଳା
ବିରହୀ କବିର କାବ୍ୟ ନାୟିକା
ସୂତନୁକା ଚାରୁଶିଳା
ତୁମେ ସତେ ଆଗୋ ପ୍ରୀତିର ପୂରବୀ
ମୋ ଭାବନା ଗଲ ଛୁଇଁ
ଗୀତଟିଏ ପରି ଆସିଲ ସେଦିନ
ମୋ ମନକୁ ମହକାଇ।

Digitized by srujanika@gmail.com

ବରଷା ଆସିଛି ଆଜି ବହୁଦିନ ପରେ

ବରଷା ଆସିଛି ଆଜି ବହୁଦିନ ପରେ
ନୂଆଁଣିଆ ଆକାଶରେ
ମମତାର ଚିଠି ହୋଇ
ଶାଗୁଆ ଓଢ଼ଣୀ ତଳେ ତମ ଗାଆଁ
ଚୁପ୍‌ଚାପ୍ ଥିବ ଶୋଇ ।

ଟୋପି ଟୋପି ଟୋପି ବିନ୍ଦୁ ବରଷା
ଲାଗିଥିବ ଅବିରତ
ମହ୍ଲାର ରାଗ ବାଜୁଥିବ ରହି
ତୁମ ମନେ ଅନାହତ ।

Digitized by srujanika@gmail.com

ବରଷାର ଧାରା ଝରି ଯାଉଥିବ
ସବୁଜପତର ଛୁଇଁ
ବରଷା ଆସଛି ଆଜି...
ଭଲ ପାଇବାର ଚିଠିଟିଏ ହୋଇ
ବରଷା ଆସିଛି ଆଜି
ଭିଜା ମାଟିର ଏ ମଧୁର ମହକେ
ହୃଦୟ ଯାଉଛି ଭିଜି
ବରଷା ଆସିଛି ଆଜି...
ଆକାଶେ ବତାସେ ଶୁଭେ ଆଜି
ଶ୍ରାବଣର ସାହାନାଇ ।

Digitized by srujanika@gmail.com

ଅଳକାନନ୍ଦର ଅଳତାଗାର

ଅଳକାନନ୍ଦର ଅଳତାଗାର
ଅଳତାଗାରରେ ବାଜେ ନୂପୁର
ସେ ନୂପୁରେ ଥାଏ
ପ୍ରୀତିର ସୁର।

ସେ ପ୍ରୀତିପୁରରେ ସ୍ମୃତିର ଘର
ସେଇ ଘରେ ଥାଏ ସପନଟିଏ
ଅତିବ ନମ୍ର ଅତିବ ଧୀର
ଅଳକାନନ୍ଦର ଅଳତାରଗାର।

ନନ୍ଦଟିଏ ସିନା ନାରୀ ବି ସିଏ
ନନ୍ଦ ନାରୀ ଦୁହେଁ ଗୋଟିଏ ସୁର
ଅଳକାନନ୍ଦର ଅଳତାଗାର।

Digitized by srujanika@gmail.com

ତୁମେ ଆସିଲେ ଘରକୁ

ତୁମେ ଆସିଲେ ଘରକୁ ନୂଆବର୍ଷ ଆସେ
ଆକାଶର ତାରା ସବୁ ମିଟିମିଟି ହସେ
ଘର ଦୁଆର ମୋର ମହମହ ବାସେ
ତୁମେ ଆସିଲେ ଘରକୁ ନୂଆବର୍ଷ ଆସେ।
କାମିନୀ, ମାଳତୀ, ମଲ୍ଲୀ, ହେନା, ଯୂଇ
ଏକ ସଙ୍ଗେ ବାସେ।

ଆକାଶର ନିଳିମାରେ
ଜହ୍ନର ରୋଷଣୀରେ
ତମ ମୁହଁ ଚାରିଆଡେ ଦିଶେ
ତମେ ଆସିଲେ ଘରକୁ ନୂଆବର୍ଷ ଆସେ।

Digitized by srujanika@gmail.com

ଦୂର ନୀଳଆକାଶ

ଦୂର ନୀଳଆକାଶରେ
ବିଭୋର ଚଢ଼େଇ ହୋଇ
ଭାସିଯିବି ଭାସିଯିବି
ମେଘ ଆଉ ତାରା ଛୁଇଁ
ରଙ୍ଗୀନ ଗୁଡ଼ି ହୋଇ
ଉଡ଼ିଯିବି ଉଡ଼ିଯିବି ।
ପାରଦର ଲହରୀରେ
ସ୍ୱପ୍ନର ବଳୟକୁ
ଛୁଇଁଯିବି ଛୁଇଁଯିବି ।
ଦୂର ନୀଳଆକାଶରେ
ବିଦେଶିନୀ ଚଢ଼େଇ ମୁଁ
ଭାସିଯିବି ଭାସିଯିବି ।

Digitized by srujanika@gmail.com

ଜାଣେନି କେତେ ଆଉ
ବିଷାଦ ନଈକୂଳେ

ଜାଣେନି କେତେ ଆଉ ବିଷାଦ ନଈକୂଳେ
ଗାଇବି ବେଦନାର ଗୀତିକା
ପାରିନି ଶେଷ କରି ଜୀବନେ ଆଜିଯାଏ
ଅଧାଲେଖା ଯେତେ ମୋର କବିତା ।

ମୁଁ ଏକ ଭସାମେଘ ଯାଉଛି ଭାସି ସିନା
କୁଆଡ଼େ ଯାଉଛି ମୁଁ ଜାଣେନା
ଧୂସର ଜୀବନରେ ବହୁ ବେଦନା ସୁରେ
ପାଥେୟ କରି ବହୁ ଯାତନା ।

ହଜାଇ ଦେଇ ଅଛି ଜୀବନେ ଯେତେ ମୋର
ସ୍ମୃତିର ହୀରା ନୀଳା ମୁକୁତା
ଜାଣେନି କେତେ ଆଉ ବିଷାଦ ନଈକୂଳେ
ଗାଇବି ବେଦନାର ଗୀତିକା ।

Digitized by srujanika@gmail.com

ସ୍ୱପ୍ନ ବିଭୋର ଜହ୍ନରାତି

ସ୍ୱପ୍ନ ବିଭୋର ଜହ୍ନରାତିରେ
ମୋ ଗାଆଁ ପଡିଛି ଶୋଇ
କୋଟିକମ ତା'ର ଆଖିପାଖୁଡ଼ାରେ
ଅକୁହା ସପନ ନେଇ ।

ମମତା ଏଠାରେ ମହାନଦୀ ହୋଇ
ଅବିରତ ଯାଏ ବହି
ଶତ ସୋହାଗର ସ୍ମୃତି ବିଜଡିତ
ମାଟିର ସରଗ ଭୂଇଁ ।

ଗାଉଲୀ ନଈର ହାତ ପାପୁଲିରେ
ଜହ୍ନରାତିର ଛାଇ
କେତେ କଥା ଥିଲା କହିବାକୁ ତାରେ
କିଛି କହିପାରି ନାହିଁ ।

Digitized by srujanika@gmail.com

ଆଷାଢ଼ର ଏଇ ବରଷାରାତିରେ

ଆଷାଢ଼ର ଏଇ ବରଷାରାତିରେ
ଗୁରୁଗୁରୁ ଗରଜନେ
ମେଘ ବିଜୁଳିର ଶୀତ୍‌କାର ଆଜି
କମ୍ପନ ଆଣେ ମନେ।
କୂଜନ ବିହୀନ କାନନରେ ଆଜି
ବରଷାର ଘନଘଟା
ମେଘ ମେଦୁରିତ ଆକାଶରେ ଉଡ଼େ
ବଳାକାର ରଙ୍ଗଛଟା
ଏତେ ଦିନ ପରେ ବରଷା ଆସିଛି
ଏଇ ଧରା ଅଙ୍ଗନେ।

ବନହଂସୀଟି ଉଡିଆସିଅଛି
ତେଜି ମାୟା ବନାନୀର
ମେଘ କନ୍ୟାର ନୀଳ ଅଞ୍ଚଳ
ଚଞ୍ଚଳ କରେ ମନ।

Digitized by srujanika@gmail.com

ସେଦିନ ଫଗୁଣ ଆସିଲା ମୋ ପାଶେ

ସେଦିନ ଫଗୁଣ ଆସିଲା ମୋ ପାଶେ
ସ୍ମୃତିର ଗଜଲ ହୋଇ
କାହିଁକି କେଜାଣି ଫେରିଗଲା ସିଏ
ପ୍ରତିଧ୍ୱନୀଟିଏ ନେଇ ।
ଜାଣି ମୁଁ ନଥିଲି ଝରିଯିବ ବୋଲି
ଧୂସର ଗୋଧୂଳୀ ତୀରେ
ଅକୁହା ଆବେଗ ହୋଇ ।

ହଜିଲା ସ୍ମୃତିକୁ ସାଇତି ରଖିଛି
ମୋ ମନର ସିନ୍ଦୁକରେ
ଏକଥା ତ କେବେ କାହାକୁ
ମୁଁ କହି ନାହିଁ ।
ଏକୁଟିଆ ବେଳେ ସ୍ମୃତିର ଗଜଲ
ମନେ ବାଜେ ରହିରହି ।

Digitized by srujanika@gmail.com

ତମେ ଗାଇଥିଲ ପ୍ରୀତିର ଗଜଲ

ତମେ ଗାଇଥିଲ ପ୍ରୀତିର ଗଜଲ
ମଣିକର୍ଣ୍ଣିକା ହୋଇ
ତମେ ଲେଖିଥିଲ ସ୍ମୃତିର କବିତା
ସବୁ ଅନୁରାଗ ଦେଇ ।

ତମେ ଲେଖିଥିଲ ପ୍ରୀତି ଝଲମଲ
ସୋରିଷଫୁଲର ଗାଆଁ
ତମେ ଜାଳିଥିଲ ଫଗୁଣ ବୁକୁରେ
ପଳାଶଫୁଲର ନିଆଁ ।

ତମେ ପୋଛିଦେଲ ମୋ ମନରୁ ସବୁ
ଦୁଃଖର ଘନଘଟା
ମଣିକର୍ଣ୍ଣିକା ଅୟି କଲ୍ୟାଣୀ
ପ୍ରଥମ ସ୍ୱପ୍ନ ରେଖା ।

Digitized by srujanika@gmail.com

ଠିକଣା ହଜାଇ ଅଣ୍ଡାଳୁଛି ବସି

ଠିକଣା ହଜାଇ ଅଣ୍ଡାଳୁଛି ବସି
କାଲେ ପାଇଯିବି ବୋଲି
ଗୀତଟିଏ ଲେଖି ଭୁଲି ଯାଇଅଛି
ଝୁରି ହେବା ସାର ଖାଲି ।

ଉତ୍ତରା ପବନ ଉଡ଼ାଇ ନେଇଛି
ଛୋଟ ଚିଠିଟିକୁ ମୋର
ଯେଉଁ ଚିଠିଟିରେ ଖୋଦିତ ହୋଇଛି
ତୁମରି ହସ୍ତାକ୍ଷର ।

ସାରାଜୀବନଟା ସରିଗଲା ମୋର
ସ୍ନେହ ବିନ୍ଦୁଏ ପାଇଁ
ଖୋଜିବା ହଜିବା ଭିତରେ କେବେ ତ
କିଛି ଜମା ପାଇନାହିଁ ।

Digitized by srujanika@gmail.com

ମତେ ଆଜି କିଏ ଡାକି ଦେଇଗଲା

ମତେ ଆଜି କିଏ ଡାକି ଦେଇଗଲା
ଅଧା ନିଦ ସ୍ୱପ୍ନରେ
ମତେ କିଏ ଆଜି ଛୁଇଁ ଦେଇଗଲା
ବେଦନାର ବଳୟରେ ।

ଅଭିମାନ ଭରା ଆହତ ମନରେ
ସ୍ୱପ୍ନର ପୁଟ ଦେଇ
ବସିଛି ଏକାକୀ ଏଇ ଅନ୍ଧାରେ
କାହାର ଅୟନେ ଚାହିଁ ।

ଅଧା ନିଦ ଅଧା ସ୍ୱପ୍ନ ଭିତରେ
ମତେ ଡାକିଦିଅ ଥରେ
ଚହଲା ପାଣିର ଢେଉ ଅଇନାରେ
ବିଭୋର ମୁଁ ଭାବନାରେ ।

Digitized by srujanika@gmail.com

ବରଷା ଆସିଲେ

ବରଷା ଆସିଲେ ଭିତରେ ଭିତରେ
କୋରକିତ ଯାଏ ହୋଇ
ବରଷା ଆସିଲେ ଲୁହଧାରଟିଏ
ଝରିଯାଏ ଆଖି ଦେଇ ।

ଲୁହ ଭିଜା ଏକ ଧାରାଶ୍ରାବଣ ମୁଁ
କାହାକୁ ତ କହିନାହିଁ
ବନ ପୋଡ଼ିଗଲେ ସଭିଏଁ ଜାଣନ୍ତି
ମନ କଥା ଯାଏ ରହି ।

ବରଷା ଆସିଲେ ଭିତରେ ଭିତରେ
ସବୁଜିମା ଯାଏ ଛାଇ
ସେଇ ସବୁଜିମା ଲୁହଧାର ହୋଇ
ଆଖିବାଟେ ଯାଏ ବହି ।

Digitized by srujanika@gmail.com

ଚାଲ ସାଙ୍ଗ ହୋଇ

ଚାଲ ସାଙ୍ଗ ହୋଇ ବୁଲିଯିବା
ଗାଆଁ ଆଡ଼େ
ଭଲ ଲାଗୁନାହିଁ କିଛି
ଏଇ ଫଗୁଣରେ ।
ବଣମଲ୍ଲୀ ଆଉ ମାଳତୀ ସବୁଜବନେ
ସପନ କେମିତି ଦୋଳିଖେଳେ
ଆବେଗରେ ।

ଅବସାଦ ଆଉ ବିଷାଦକୁ କରି ଦୂର
ଆମେ ଦୁହେଁ ବସି ରଚିବା
ପ୍ରୀତିର ପୁର ।

ଚାଲ ସାଙ୍ଗ ହୋଇ ବୁଲିଯିବା
ଗାଆଁ ଆଡ଼େ
ଭଲ ଲାଗୁନାହିଁ କିଛି ଏଇ ଫଗୁଣରେ ।

Digitized by srujanika@gmail.com

କବିତା କି ଏକ ଫଗୁଣ ଗୋଧୂଳୀ

ଅପାଶୋରା ଏକ କବିତାର ଧାଡ଼ି
ଖୋଜି ମୁଁ ପାଇଲି ଦିନେ
ଗୋଧୂଳୀ ଲଗନେ କାନପାତି ଶୁଣେ
କବିତାର ନୂଆ ମାନେ ।
କବିତା କି ଏକ ଫଗୁଣ ଗୋଧୂଳୀ
ଭିଜା ଭିଜା ନୀରବତା
ନିଖୋଜ ମନର ସପନ ହକଳା
ସ୍ମୃତିଭରା ବ୍ୟାକୁଳତା ।
କବିତା ତ କେବେ ମରିପାରେ ନାହିଁ
କବି ମନ ଅଗଣାରୁ
ବାସନ୍ତୀ ମହକ ତଳେ
ଅସରା ପ୍ରୀତିର ଅଲିଭା ଦୀପାଳି ହୋଇ
କବିତା ପାଖୁଡା ଜଳେ ।



Digitized by srujanika@gmail.com

ଜୀବନର ଏଇ ଯାତ୍ରାପଥରେ

ଜୀବନର ଏଇ ଯାତ୍ରାପଥରେ
କେତେ କିଏ ଆସି ମୋ ଭାବନା ଗଲେ ଛୁଇଁ
ତମେ କିନ୍ତୁ ଜଣେ ନିଆରା ମଣିଷ
କିଛି ବି କହିଲ ନାହିଁ।

ଏଇ ଜୀବନର ଯାତ୍ରାପଥରେ
ଭେଟିଲି କେତେଯେ ସବୁଜ ସ୍ୱପ୍ନଦିନ
ସେ ସପନ ପୁଣି ଭିଜାଇ ଦେଇଛି
ଆବେଗରେ ତମ ମନ।

କେତେ ଆବେଗର ନଈ ସେପାଖରେ
ତମେ କି ବସିଛ ଆଜି
ଜୀବନର ଏଇ ଯାତ୍ରାପଥରେ
ପ୍ରେମର ପ୍ରତିଭୂ ସାଜି।

Digitized by srujanika@gmail.com

ସ୍ମୃତିର ଶ୍ରାବଣ

ଗୋହିରୀ ସେପାଖେ
ଲୁଚିଲା ସବାରୀ
ଦିଶିଲା ନାହିଁ ବି ମୋତେ
ମିଟିମିଟି ହୋଇ ତାରା ହସୁଥିଲା
ନିଛାଟିଆ ସେଇ ରାତେ।

ତମେ ହଜିଗଲ ସପନ ଭିତରେ
ସପନ ବି ଗଲା ସରି
ତମେ ହଜିଗଲ ଦୂର ଦୀଗନ୍ତେ
ମୁଁ କେବଳ ହୁଏ ଝୁରି।

Digitized by srujanika@gmail.com

ଇନ୍ଦ୍ରଧନୁର ରଙ୍ଗକୁ କେବେ
ତମେ କି ପାରିଛ ଧରି
ମନ ଗହନର ଅତଳ ତଳେ ତ
ରହିଛି ସ୍ମୃତିର ପୁରୀ।

ସ୍ମୃତିର ଶ୍ରାବଣ ହଜିଯାଏ ନାହିଁ
ବାରବାର ଆସେ ଫେରି
ବେଦନା ବତୁରା ମନ ତଳେ ତଳେ
ହେବାକୁ ଜୀବନେ ଝୁରି।

Digitized by srujanika@gmail.com

ପବନକୁ ଗୀତ ଶୁଣାଇଲା

ଜହ୍ନପରି ଝିଅଟିଏ ପୁଲକିତ
ହେଲା ମନେମନେ
ଅମୃତ କି ବିଞ୍ଚିଦେଲା କିଏ
ତା' କୁମାରୀ ବନେ।
ସେ ବନରେ ଆଉ ଦିନେ
ବସନ୍ତ ଆସିଲା
ପଳାସଫୁଲର ଦେହ
ମହକି ଉଠିଲା।
ପୁଷ୍ପାୟିତ ହେଲା ଦେହ
ସୁଗନ୍ଧିତ ମନ
କୁଆଁରୀ ମନରେ ତା'ର
କୋକିଳ ଗାଇଲା
ଜହ୍ନପରି ଝିଅଟିଏ ଖୁସିହୋଇ
ପବନକୁ ଗୀତ ଶୁଣାଇଲା।

Digitized by srujanika@gmail.com

ତମସାନଈର ଜଳଆଇନାରେ

ତମସାନଈର ଜଳଆଇନାରେ
ଅଳସୀଫୁଲର ଛାଇ
ସେଇ ଫୁଲ ଅବା ରାତିର
କାକର ତାରକଣିଦେହେ
ସତେ କି ପଡ଼ିଛି ଶୋଇ ।

ହୀରା ନୀଳା ଆଉ ମୋତି ମାଣିକ୍ୟ ବା
ଅଳସୀଫୁଲର ଦେଶ
ସେ ଫୁଲ ଆଖିରେ କେତେ ଯେ ଫଗୁଣ
ରଚିଛି ନୂତନ ରାସ ।

ପଂପାତୀରର ବିଭୋର ପବନ
ଘୁମେଇ ପଡ଼ିଛି
ସୁନାରୀ ସପନ ହୋଇ
ଶାବରୀ ତୀରର ଟିକ୍ରୀ ଜାନି ଗୋ
ନିଦ କି ଭାଙ୍ଗିବ ନାହିଁ ।

Digitized by srujanika@gmail.com

ହଂସଧ୍ୱନୀର ନଈ

ମୁଁ ହଂସଧ୍ୱନୀର ନଈ
ନିରବଧି ଯାଏ ବହି
ସ୍ୱପ୍ନକୁ ସାଥେ ନେଇ
ମୁଁ ଆଶାଢର ଆଶାବରୀ
ଲୁହ ହୋଇ ଯାଏ ଝରି
କେତେ ଶ୍ରାବଣର ସ୍ମୃତିରେ ମୋ ମନ
ଭିଜାଇ ଦେଇଛି ମୁହିଁ
ଭିଜା ବଉଳର ଗନ୍ଧେ ବିଭୋର ହୋଇ
ସ୍ୱପ୍ନ ଭିତରୁ କବିତାର ସ୍ମୃତି ନେଇ
ବନ ହଂସୀକୁ ସହଚରୀ କରି
ମୁଁ ବହିଯାଉଛି ହଂସଧ୍ୱନୀର ନଈ ।

Digitized by srujanika@gmail.com

କବି ହୋଇ ଦିନେ

କବି ହୋଇ ଦିନେ ଜନମି ଥିଲୁ ତୁ
ଆମ ଗାଆଁ ଘର
ପାହାନ୍ତି ଆକାଶ ତଳେ
ସବୁ ଶୁନ୍‌ଶାନ୍ ନିଦ୍ରିତ ପକ୍ଷୀ ଆଖି ମେଲି ତୋତେ
ଦେଖିଥିବ ସେତେବେଳେ ।

କୁଆଡେ ତୁ ଗଲୁ ଚାଲି
ଜୀବନର ସବୁ ମାନ ଅପମାନ
ଧୋଇ ଦେଲା ଅବା
ସମୟର ଚୋରାବାଲି ।

କବିତା ଗାଇଲୁ କେତେ
ଗୀତରେ ଗୀତରେ ମଜ୍ଜିଗଲୁ ତୁ
ତାରା ଭରା ଆକାଶରେ
କବି ହୋଇ ଦିନେ ଜନମି ଥିଲୁ ତୁ
ଆମ ଗାଁ ଘର ପାହାନ୍ତି ଆକାଶ ତଳେ ।

Digitized by srujanika@gmail.com

କୋଟିକମ କବିତାରେ

ଆକାଶ ଲୁହରେ ଓଦା ହୋଇଗଲା ମାଟି
କାକରବିନ୍ଦୁକୁ ସାଇତିଲି ସରାଗରେ
ସେ କାକରବିନ୍ଦୁ ମୁକୁତା କିପରି ହେଲା
ମୋ ମନର ଏଇ ଏକୁଟିଆ ବଗିଚାରେ ।
ପ୍ରତି ଫୁଲ ଦେହେ ସ୍ୱପ୍ନ ହୋଇଛି ଲେଖା
ପ୍ରତି ପତ୍ରରେ ମୋ ଜୀବନ ସ୍ମୃତିରେଖା
ଫୁଲପତ୍ରର ମଝିରେ କେମିତି ସତେ
କିଏ ଆଙ୍କିଛି କୋଟିକମ କବିତାରେ ।

Digitized by srujanika@gmail.com

ରହିଛି ଖୋଦେଇ ହୋଇ

କେମିତି କେଜାଣି ମାଟି ଦେହ ଛୁଇଁଛୁଇଁ
ମୁଁ ସତେ କି ଆଜି ବିଦେଶିନୀ ନଈ ହୋଇ
କୋମଳ ମଧୁର ଆବେଗରେ ସତେ
ଧୀରେଧୀରେ ଯାଏ ବହି ।
ବିଦେଶିନୀ ଫୁଲ ଫୁଟି ହସୁଥିଲା
ବାସୁ ତ ନ ଥିଲା କାହିଁ
ଅବାକ୍ ହୋଇ ମୁଁ ଅନାଇ ରହିଲି
ଭାରତୀୟ ଆଖି ନେଇ ।
ଭାରତ ମାଟିର ମହକରୁ ଟିକେ
ବୋଳି ହୋଇ ମୋର ମନେ
ଆସିଥିଲି ଏଇ ବିଦେଶ ଭୂଇଁକୁ
ଝୁରି ହେବା ପାଇଁ ଦିନେ ।
ଝୁରି ହେଲି ସିନା ନଈ ହୋଇ ଗଲି ବହି
ଅଗନା ଅଗନି ବିଦେଶରେ ଆଜି
ମୋ ମାଟି ମହକ ନେଇ
ମାଟି ମୋ ଜୀବନ ମାଟି ମୋ ସ୍ୱର୍ଗଦ୍ୱାର
ବାଞ୍ଛିତ ସବୁ ସ୍ୱପ୍ନ ମୋହର [illegible] ମନରେ ଆଜି
ରହିଛି ଖୋଦେଇ ହୋଇ ।

Digitized by srujanika@gmail.com

ଫଗୁଣର ଫୁଲବନେ

ଫଗୁଣର ଫୁଲବନେ
ତମସାର ତୀରେତୀରେ
କିଏ ଆଜି ମୋତେ ଅବା ଡାକିଲା
ଅଳସୀ ଫୁଲ କି ସତେ
ପ୍ରେମର ପ୍ରତିମା ହୋଇ
ଅନୁରାଗେ ମୋ ମନକୁ ଛୁଇଁଲା ।

ମଞ୍ଜୁଆତି ରଙ୍ଗରେ ରଙ୍ଗୀନ ହେଲା ମନ
ମଧୁର କାକଳୀ ଅବା ଛୁଇଁଗଲା
ବନ ଆଉ ଉପବନ
ପୂର୍ବାଶା କୋଳେ କିବା ଲେଖିଦେଲା କିଏ ଆଜି
ହଜିଥିବା ପିଲାଦିନ ନାଆଁ ।

Digitized by srujanika@gmail.com

ମେଘ ବି ଡାକିଲା ମୋତେ
ଭସା ବାଦଲର ହାତେ
ପକ୍ଷୀ ମୋତେ ଡାକିଗଲା
କୁହୁ କାକଳୀରେ
ପାହଡରୁ ଝରି ଆସି ଝରଣା ଡାକିଲା
ଏତେ ଦିନ ପରେ ସତେ
ମୋ ଶୁଖିଲା ଡାଳେ
ପ୍ରେମର ପ୍ରତୀଭୂ ହୋଇ
କୋକିଳ ଗାଇଲା ।

Digitized by srujanika@gmail.com

ମନେପଡ଼େ

ଭାରି ମନେପଡେ ସ୍ୱପ୍ନ ସଜଳ
ଗଙ୍ଗଶିଉଳି ଦିନ
ଭାରି ମନେପଡେ ଭିଜା କାକରର
ଦୁର୍ଗାପୂଜାର ଦିନ ।

ମୁଁ କେମିତି ସତେ ଭୁଲିଯାଇଥିଲି
ନୀଳ କଇଁ ଗାଁ ଘର
ମୁଁ କେମିତି ସତେ ଭୁଲିଯାଇଥିଲି
ହଂସଧ୍ୱନୀର ସ୍ୱର
ସେଦିନ କେମିତି ଛାଡିଆସିଥିଲି
ସ୍ୱପ୍ନମୁଖର ଘର
ଭାରି ମନେପଡେ ଭିଜା କାକରର
ଦୁର୍ଗାପୂଜାର ଦିନ ।

Digitized by srujanika@gmail.com

ପାହାନ୍ତିତାରାର ଲୁହ

ବରଷା ରାତିର ଆକାଶ ଗୋ ତମେ
ପାହାନ୍ତିତାରାର ଲୁହ
ଭିଜାଭିଜା କେତେ ସ୍ମୃତି ପାଖୁଡାରେ
ଅସରା ଅସରା କୋହ ।

ଟୋପି ଟୋପି ଟୋପି କାକର ବିନ୍ଦୁ
ନିଦୁଆ ଆକାଶ କୋଳେ
ସୁନା ଝଲମଲ ଶାଢ଼ି ପଣତରେ
ଜୀବନ ନଈର ସୁଅ ।

ଖୋଜୁଛି ମୁଁ ଆଜି ରାତି ଆକାଶରେ
ଅସରା ଆଶାର ଖିଅ
ବରଷା ରାତିର ଆକାଶ ଗୋ ତମେ
ପାହାନ୍ତି ତାରାର ଲୁହ ।

Digitized by srujanika@gmail.com

ଅଲିଭା ଅକ୍ଷର ହୋଇ

ହୀରାନୀଳା କେତେ ସ୍ମୃତିର ମାଣିକ୍ୟ
ଗୋଟାଉ ଗୋଟାଉ ତମେ
ସମୟ ତ ଗଲା ସରି
ତୁମେ ଅକ୍ଷୟ, ତୁମେ ଅଜେୟ
ତୁମେ ଥିଲ ତମ ପରି ।

ଅଳସ ନଈରେ ଭାସିଗଲା କେତେ
ସପନ ବୋଝେଇ ନାଆ
ଅକୁହା ମନର ଆବେଗରେ ଦିନେ
ସ୍ପନ୍ଦିତ ହେଲା ସ୍ୱପ୍ନପୁରୀର ଗାଆଁ ।
କେଉଁ ସୁନାନାକୀ ଝିଅର ସେଦିନ
କାନି ଆଙ୍ଗୁଠିର ମୁଦି
ହଜିଯାଇଥିଲା ନଈର ଅତଳେ
ଦେଖିଥିଲ କୁତୁହଳେ
ଗୋପନରେ ପୁଣି ଟିପି ରଖିଥିଲ
ସେଇ ଅନାମିକା ନାଁ ।

Digitized by srujanika@gmail.com

ସେ କେଉଁ ଫଗୁଣ ଯିଏ ଗଲା ପରେ
ଶ୍ରାବଣର ଲୁହ ହୋଇ
ମାଦକତା ଭରା ଜହ୍ନ ରାତିରେ
ଗୀତ ଓ ଗଜଲ ହୋଇ
ଲାଲ୍ ଟୁକ୍‌ଟୁକ୍ ତମ କୁନି ଝିଅ ଓଠେ
ହରେକ ଫୁଲର ମାୟା
ସେ ଫୁଲର ମାୟା ଖୋଜିବାକୁ ଅବା
ଯାଇଛ ଦରିଆପାରି
ହଜାରେ ବରଷ ନୁହେଁ
କୋଟିଏ ବରଷ ପରେ ବି ତମେ ତ
ପ୍ରତି ଓଡ଼ିଆର ପ୍ରାଣେ
ରହିଥିବ ତମେ
ଅଲିଭା ଅକ୍ଷର ହୋଇ ।

Digitized by srujanika@gmail.com

ସ୍ୱପ୍ନର କେତେ ଭିଜାଭିଜା ଦିନ

ନଈ ବୋହିଯାଏ ଆମ ଗାଁ ନଈ
କେତେ ବଣ ବିଲ ଡେଇଁ
କେତେ ସ୍ୱପ୍ନର ଭିଜାଭିଜା ଦିନ
ସବୁକୁ ସାଥିରେ ନେଇ ।
ବାସ୍ନା ବିଭୋର ଗୋଧୂଳୀବେଳାର
ଦୂର ପକ୍ଷୀଟିଏ ଗାଉଥାଏ ରହିରହି ।

କାଶତଣ୍ଡିର ତୂଳିରେ ଆଙ୍କିଛି
ଅଶିଣ ଅନେକ ଛବି
ପୁଲକିତ ଆଜି ନଈକୂଳ ପଠା
ସ୍ମୃତିର ଗଜଲ ଗାଇ ।
ମନେପଡେ ଆଜି ଜହ୍ନରାତିର
କଇଁଫୁଲ ଗାଁ ନଈ ।

ଜହ୍ନିଫୁଲର ମହକ ଭିତରେ ଭାସିଉଠେ ଗାଁ ଛାଇ
ସେ ଛାଇ ଦେଇଛି କେତେ ପତିଆରା କେତେ ଆନନ୍ଦ ନେଇ ।



Digitized by srujanika@gmail.com

ସେହି ସୁଷମାର

ଭଲ ପାଇବାର ରଙ୍ଗରେ ଯାର
ମାଟି ଓ ଆକାଶ ନଈ
ଯାଇଛି ସବୁଜ ହୋଇ
ସେ ଅନୁରାଗର ରଙ୍ଗରୁ ଟିକେ
ମୋତେ କି ଗୋ ଦେବ ନାହିଁ।
ଚିତ୍ରଟିଏ କି ଅଙ୍କା ହୋଇଛି
ଦୂର ଆକାଶର କୋଳେ
ଧାନବିଲ ଆଉ ସବୁଜ ସୁଷମା
ଜିକିଜିକି ହୋଇ ଜଳେ।
ସେହି ସୁଷମାର ରଙ୍ଗରୁ ଟିକେ
ମୋତେ କି ଗୋ ଦେବ ନାହିଁ।

Digitized by srujanika@gmail.com

ତମେ ଥିଲ ତମ ପରି

କେବେ ତ ସେମିତି ନ ଥିଲ ଗୋ ତମେ
ତମେ ଥିଲ ତମ ପରି
ତମ ହୃଦୟରୁ ସବୁ ସରଳତା
କିଏ ନେଲା ଚୋରୀକରି
ଛଳନା କେମିତି ଜାଣି ତ ନ ଥିଲ
ଛୋଟ ପିଲାଟିଏ ପରି
ତମ ମନ ତଳ ସୁକୁମାର ଗୁଣ
କିଏ ନେଇଗଲା ହରି ।

କେବେ ତ ସେମିତି ନଥିଲ ଗୋ ତମେ
ତମେ ଥିଲ ତମପରି
ଅନୁରାଗମୟ କାକରବିନ୍ଦୁ
ଯେଉଁପରି ଯାଏ ଝରି
ଅମୃତସମ ଅନାବିଳ ତମେ
ଆଲୋକର ଆଶାବରୀ ।

Digitized by srujanika@gmail.com

ଅନୁରାଗମୟ କାଜର ବିନ୍ଦୁ
ପୁଲକର ଫୁଲ ଝରି
କେବେ ତ ସେମିତି ନ ଥିଲ ଗୋ ତମେ
ତମେ ଥିଲ ତମ ପରି ।

ତମକୁ ଦେଖିଲେ ଶୋକର ସାଗର
ଲୁହ ହୋଇ ଯାଏ ବହି
କି ଫୁଲ ମାୟାରେ ଭୁଲିଗଲ ସବୁ
ଭାସିଗଲ ଅବା ଲୁହର ନଉକା ହୋଇ
ଛଳନା କେମିତି ଜାଣିତ ନ ଥିଲ
ତମେ ଥିଲ ତମ ପରି
ତମ ହୃଦୟର ସବୁ ଆବେଗକୁ
କିଏ ନେଲା ଚୋରୀକରି ।

Digitized by srujanika@gmail.com

ମୁଁ ନ ଥିବି କି ତୁମେ ବି ନ ଥିବ

ମୁଁ ନ ଥିବି କି ତୁମେ ବି ନ ଥିବ
ଶୂନ୍ୟ ଘରଟା ରହିଥିବ ସାକ୍ଷୀ ହୋଇ
ବଗିଚା ନ ଥିବ ଫୁଲବି ନ ଥିବ
ବିଷାଦିନୀ ପ୍ରଜାପତି
ଉଡ଼ି ବୁଲୁଥିବ ଏପାଖୁ ସେପାଖ ହୋଇ ।

ଘର କେବେ କା'ର ହୁଏନା ନିଜର
ସବୁ ଘର ସିନା ସ୍ମୃତିରେ ମଧୁର
ବନ୍ଦ ଘରର ଝରକା ପାଖରେ
ଅଧୀର ପବନ ଘୁରିବୁଲୁଥିବ
ନୀରବ ରାଗିଣୀ ହୋଇ ।

ମୁଁ ନ ଥିବି କି ତୁମେ ବି ନ ଥିବ
ଶୂନ୍ୟ ଘରଟା ରହିଥିବ ସାକ୍ଷୀ ହୋଇ ।
ବଉଳ ଗଛର ଶାଖାରେ ଶାଖାରେ
ଝୁଲି ରହିଥିବ ବାୟାବସା ପରି
କେବଳ ମୋ ନିଜ ଛାଇ ।



Digitized by srujanika@gmail.com

କାଶତଣ୍ଡିର ଗାଁ

ମୁଁ ଏକ ଗୋଧୂଳୀ ରଙ୍ଗଅଧୀରା
କାଶତଣ୍ଡିର ଗାଆଁ
ରାତି ଆକାଶର ଏକୁଟିଆ ତାରା
ଅରୁନ୍ଧତୀ ମୋ ନାଆଁ
ଦୂର ଅତୀତର ସପନ ହଜଳା
ଆକାଶର ନୀଳ ଧରି
ତୁମେ ଖୋଜୁଥାଅ ହେନା, ଯୁଇ, ଯାଇ
ମହକେ ହେବାକୁ ଘାରି
ମୁଁ ନଦୀ ନୁହେଁ ସାଗର ବି ନୁହେଁ
ଅରୁନ୍ଧତୀ ମୋ ନାଆଁ
ସ୍ମୃତି ଝଲମଲ ହୀରାନୀଳା ନୁହଁ
ପ୍ରୀତି ପୁଲକିତ ଗାଁ
ସେ ଗାଁରେ ଆଜି ସପନ ବାନ୍ଧିଛି ଘର
କଇଁପାଖୁଡାରେ ଲେଖିଛି ପ୍ରୀତିର ସ୍ୱର
ମୁଁ ଏକ ଗୋଧୂଳୀ ରଙ୍ଗ ଅଧୀରା
କାଶତଣ୍ଡୀର ଗାଆଁ
ଶରତ ଆକାଶେ ଏକୁଟିଆ ତାରା
ଅରୁନ୍ଧତୀ ମୋ ନାଁ ।

Digitized by srujanika@gmail.com

ଗାଥାଟିଏ ପ୍ରଣବର

ପ୍ରତିଟି ପ୍ରଭାତ ଫିଟି ଆସେ ଯେବେ
ସୁଗନ୍ଧିତ ଭାବନାରେ
ପ୍ରତିଟି ଗୋଧୂଳି ଲିଭିଲିଭି ଆସେ
ଗାୟତ୍ରୀର ଛନ୍ଦରେ
ମୁଁ ସେହି ଛନ୍ଦର ସ୍ୱର
ଯେଉଁ ଛନ୍ଦରେ ମୁଦ୍ରିତ ମୁହିଁ
ଗାଥାଟିଏ ପ୍ରଣବର ।

ପ୍ରତି ଉଷାରେ ମୁଁ ଅନୁଷ୍ଟୁପର
ମଧୁଝରା ଝଙ୍କାର
ନୀଳନୀଳିମାରେ ହଜିଯାଉଥିବା
ଦୂର ବଳାକାର ସ୍ୱର
ଭୁଲିଯାଇଥିବା ଧାଡ଼ିଟିଏ ଆଜି
ଅଧାଲେଖା କବିତାର ।

Digitized by srujanika@gmail.com

ଜୀବନ ଭିତରୁ ଜୀବନ ଖୋଜିବା ପାଇଁ

ଆମରି ଗାଁ'ର ପାନ ବରଜର ଛାଇ
ସେ ଛାଇରେ ବସି କବିତା ଲେଖିଛି
ଗୀତ ମୁଁ ଗାଇଛି କେତେ
ମୋ ହୃଦୟ ତଳ ଗହନବନରୁ
ବହିଯାଏ ନଈ ହୋଇ ।

ଝୋଟିପକା କେତେ ଗାଉଁଲି ସକାଳ ତଳେ
ତା ଛବି ଆଙ୍କିଛି ଚୋପାଏ କାକର ନେଇ
ସ୍ୱପ୍ନମଧୁର ଲାଜକୁଳି ବୁଦାମୂଳେ
ପାଚିଲା ଧାନର ବାସ୍ନାକୁ ଖୋଜି
ବିଭୋର ଯାଇଛି ହୋଇ ।

ଜୀବନ ଭିତରୁ ଜୀବନ ଖୋଜିବା ପାଇଁ
ହାତ ବଢ଼ାଇଛି ଦୂର ଆକାଶକୁ
ଅବୁଝାମନକୁ ନେଇ
ଜହ୍ନ ଧରିବା ସ୍ୱପ୍ନ କେବଳ
ଯାଇଛି ସପନେ ରହି ।

Digitized by srujanika@gmail.com

ଅନେକ ତରାଟ ମଲ୍ଲୀ

ମୋ ଗାଁରେ ଫୁଟେ ଅନେକ ତରାଟ ମଲ୍ଲୀ
ମୋ ଗାଁରେ ଫୁଟେ ମାଳତୀ ନିଆଳି
ହେନା ଯୁଇ ନାଗବଲ୍ଲୀ ।
ଏଇ ଗାଁ ମୋର ଶୈଶବ ସହଚରୀ
ନଈ ଆଇନାରେ ନିଜ ମୁହଁ ଦେଖି
ନିଜକୁ ଯାଇଛି ଭୁଲି ।

ଶିଶିର ହକଲା କାର୍ତ୍ତିକପୁନିଅରେ
ସଜଳ ମେଘର ଭିଜାଭିଜା ମହକରେ
ଦେବୀ ମୁହଁ ପରି ଅତି ସୁନ୍ଦର ଦିଶେ
ମାଆ ପରି ସେହି ଗାଁଆଟି ମୋହର
ଦେବୀ ଦେବୀ ପରି ବାସେ ।

ଅନୁରାଗ ଭରା ଚିତାକୁଟା ମୁହଁ
ଜୀବନେ ପାରେନା ଭୁଲି
ମୋ ଗାଁରେ ଫୁଟେ
ମାଳତୀ ନିଆଳି ହେନା ଜୁଇ ନାଗବଲ୍ଲୀ ।

Digitized by srujanika@gmail.com

କେତେ ପୁରାଣରୁ ଇତିହାସ ଡେଇଁ

କେତେ ପୁରାଣରୁ ଇତିହାସ ଡେଇଁ
କେତେ ମାଣବସା ଗୁରୁବାର ହୋଇ
କେତେ ପୂର୍ଣ୍ଣିମା ଅମାବାସ୍ୟାରେ
ମୁଁ ଆଜି ଆସିଛି ତୁମରି ମନର
ନୀରବ କାକଳି ହୋଇ ।

ମେଘ ମହ୍ଲାର ରାଗରେ ଭିଜାଇ
ଉଦାରା ମୁଦାରା ତାରାର ରାଗିଣୀ
ମନ ମେଖଳାରେ ଲୁଚାଇ ରଖିଛି
ପ୍ରଥମ ପ୍ରଣୟ ହୋଇ ।

ନୀଳ ଆକାଶରେ ଶତଭିଷା ହୋଇ
ନିତି ଲିଭୁଥାଏ ନିତି ଜଳୁଥାଏ
ଆବେଗ ଆକୁଳ ତମରି ମନରେ
ପ୍ରଣୟର ଗୀତ ଗାଇ ।

Digitized by srujanika@gmail.com

ସଜଳ ମେଘର ଛାଇ

ଆଖିର ତାରାରେ
ସଜଳ ମେଘର ଛାଇ
ଦେଖିଲି ସପନ
ଗହନ ନିଦରେ ଶୋଇ
ଧୂପ ଛାଇ ରଙ୍ଗ
ପ୍ରୀତି ପୁଲକିତ ନଈ
ଯୁଗ ଯୁଗ ଧରି
ମୁଁ ତ ରହିଅଛି ଚାହିଁ
ସେ ଧୂପ ଛାଇରେ
ସ୍ମୃତିଟିଏ ହେବା ପାଇଁ।

ଆଖିର ତାରାରେ
ବିନ୍ଦୁଏ ଲୁହ ହୋଇ
ମୁଁ ତ ଝଟକୁଛି
ସଜଳ ମେଘକୁ ଚାହିଁ
ପ୍ରୀତି ବନ୍ଦରେ
ବନ୍ଦୀ ଯାଇଛି ହୋଇ।

Digitized by srujanika@gmail.com

ବଣମୟୂରୀର ଛାଇ

ମୋ ମନରେ ଆଜି
ଆଙ୍କିଦେଲା କିଏ
ବଣମୟୂରୀର ଛାଇ
ସେ ଛାଇ ଭିତରେ
ଚହଲି ଉଠିଲା
ଶରତର ନୀଳକଇଁ ।

ପ୍ରୀତିର ପୂରବୀ
ରାଗ ଆଶାବରୀ
ଜୀବନକୁ ମହକାଇ
ଆକାଶରେ ଶତ ଇନ୍ଦ୍ରଧନୁର
ରଙ୍ଗ ଖେଳାଇ ଦେଇ ।

ଶରତର ଶତ ଶରଧାର ଧାରା
ତମ ମନେ ଗଲା ବହି
ସଜାଇ ଦିଅ ଗୋ ଜୀବନକୁ ଆଜି
ସମୟକୁ ମହକାଇ ।

Digitized by srujanika@gmail.com

ମୟୂର ଡାକର ଭୂଇଁ

ଶାଢ଼ି ପଣତରେ
ସାଇତି ରଖିବି
ଆସନ୍ତା ସମୟ ପାଇଁ
ମୋ ମନକୁ ଆଜି
ମହକାଇ ଦେଲା
ମୟୂର ଡାକର ଭୂଇଁ ।

ଛାତିର ଅତଳେ
ବହିଯାଏ ଯଦି
ବେଦନା ବତୁରା ନଈ
ସେଇ ସୁକୁମାର
ଭାବନାକୁ କେବେ
କାହାକୁ କହିବି ନାହିଁ ।

Digitized by srujanika@gmail.com

କଥା ରହିଯାଏ
ଅକୁହା ଏମିତି
ସମୟ ବି ଯାଏ ସରି
ଫୁଲଗଛଟି ତ
ମରେନାହିଁ କେବେ
ହେବାକୁ ଜୀବନେ ଝୁରି ।

ଯୁଗ ଯୁଗ ଧରି ଅନାଇ ରହିବି
ଦୂବଗଛଟିଏ ହୋଇ
ଏଇ ବାଟ ଦେଇ ଗଲାବେଳେ ଟିକେ
ତମ ପାଦେ ଦେବ ଛୁଇଁ
ସେଇ ସୁକୁମାର ଭାବନାକୁ କେବେ
କାହାକୁ କହିବ ନାହିଁ ।

Digitized by srujanika@gmail.com

କଥାରେ କଥାରେ

କଥାରେ କଥାରେ
ସରିଯାଏ ଯଦି
ଜୀବନର ସ୍ପନ୍ଦନ
ଲୁହରେ ଲୁହରେ
ଭାସିଯାଏ ଯଦି
ସପନ ସୋହାଗ ଦିନ ।

ଆଶାରେ ଆଶାରେ
ମୁଗ୍ଧ ମୁଁ ହୋଇ
ଅଜଣା ନଈର ଧାରେ
କାହା ପାଇଁ ଆଜି
ରହିଛି ଅନାଇ
ଅଳସ ଗୋଧୂଳି ତୀରେ ।

Digitized by srujanika@gmail.com

ଝରା ଶେଫାଳିର
ମହକରେ ଯଦି
ହଜିଯାଏ ମୋର ମନ
ରାଗ ଆଶାବରୀ
ଛୁଇଁ ଦେଇ ଯିବ
ସ୍ୱପ୍ନ ସଜଳ ଦିନ।

ଅଳସ ଗୋଧୂଳି ତୀରେ
ମୁଁ ଫେରି ଆସିଛି
ଏତେ ଦିନ ପରେ
ଅଜଣା ନଈର ଧାରେ।

Digitized by srujanika@gmail.com

ନେଇଯିବି ଗଲାବେଳେ

ଯେଉଁ ସୁକୁମାର
ପରଶମଣିଟି
ଲୁଚାଇ ରଖିଛ ମନେ,
ଗଇଣ ଫୁଲର
ମହୁ ଧରି ଯେବେ
ପକ୍ଷୀଟିଏ ଉଡିବୁଲେ
ସେହି ସୁବାସିତ ମହକ ଟିକକ
ନେଇଯିବି ଗଲାବେଳେ ।

ଦୂର ଆକାଶର ତାରାର ଆଲୁଅ
ଦିକିଦିକି ହୋଇ ଜଳେ
ସେଇ ଆଲୁଅକୁ ଲୁଚାଇ ରଖିଛି
ମୋ ଆଖିର ଲୁହ ତଳେ
ଲୁହବିନ୍ଦୁର ଶେଷ ଟୋପାଟିଏ
ନେଇଯିବି ଗଲାବେଳେ ।



Digitized by srujanika@gmail.com

ସ୍ମୃତିର ଗଜଲ

ସେଦିନ ଫଗୁଣ ଆସିଥିଲା ଧୀରେ
ସ୍ମୃତିର ଗଜଲ ହୋଇ
ଜାଣି ମୁଁ ନଥିଲି
ଝରିଯିବ ବୋଲି
ଧୂସର ଗୋଧୂଳି ତୀରେ,
ଅକୁହା ଆବେଗ ନେଇ।
ଏକୁଟିଆ ବେଳେ
ବାଜିଉଠେ ପୁଣି
ମୋ ମନକୁ ଚହଲାଇ।

କୋଟିକମ କରି
ଆଙ୍କିଦେବି ମୁଁ
କୋମଳ ଭାବନାଟିଏ,
ସେଇ ସୁକୁମାର
ଭାବନା ଟିକକ
ସାଇତି ରଖିବି
ଏ ଜୀବନ ଥିବା ଯାଏଁ।



Digitized by srujanika@gmail.com

ଅସରା ଲୁହର ଧାରା ଝରିଆସେ

ଅସରା ଲୁହର
ଧାରା ଝରି ଆସେ,
ଆଷାଢ଼ ଆକାଶ ଛୁଇଁ
ମୋ ଆକାଶେ ଆଜି
ଏତେ ଅନ୍ଧାର
ସଞ୍ଜ ଆସିଛି ନଇଁ।

ସାତ ସାଗରର
ଶୋଷ ମୋ ମନରେ
ସାତସପନର
ତନ୍ଦ୍ରା ମୋ ମନେ
ମୁଁ ଏକ ଶ୍ରାବଣୀ ନଈ,
ଶ୍ରାବଣ ଆସିଲେ
ଆକୁଳ ଆବେଗେ
ଦୁଇ କୂଳ ଯାଏ ଛୁଇଁ।

Digitized by srujanika@gmail.com

ମୋ ଦେହକୁ ଛୁଇଁ
ଢେଉ ପରେ ଢେଉ
ଆସେ ଆଉ ଫେରିଯାଏ,
ପାରଦ ବତୁରା
ଆକାଶ ଆଡକୁ
ମୁଁ କେବଳ ଚାହିଁ ରହେ।

ବୋରାବାଲି ତଳେ
ମୁଗ୍ଧ ଶାମୁକା ହୋଇ,
ପ୍ରଣୟ ପାଗଳ
ମୁଁ ଏକ ଶ୍ରାବଣୀ ନଈ।

Digitized by srujanika@gmail.com

ଫେରି ଆସିଛି ମୁଁ

ଫେରି ଆସିଛି ମୁଁ
ପକ୍ଷୀ କାକଳିରେ
ଫେରି ଆସିଛି ମୁଁ
ମେଘର ଡାକରେ
ଫେରି ଆସିଛି ମୁଁ
ବନ ମୟୂରୀର
ସକାଳର ମଧୁସ୍ୱରେ
ଆଜି ଏତେ ଦିନ ପରେ ।

Digitized by srujanika@gmail.com

ମଥୁରାପୁରୀ ବା
ଲକ୍ଷ୍ମଣପୁରୀ
ବାନ୍ଧି ପାରି ନାହିଁ
କାହା ସ୍ନେହ ଡୋରି
ବନ ମୟୂରୀର ଅମୃତ ସ୍ୱର
ପୋଛିଦେଲା ମନୁ
ସବୁ ହାହାକାର
ଆକାଶର ଘନ
ନିଳିମା ଭିତରେ
ବଣୁଆ ଫୁଲର ବିଭୋର ଗନ୍ଧରେ
ଆଜି ଏତେ ଦିନ ପରେ ।

Digitized by srujanika@gmail.com

ତମେ ଟିକି ତାରା, ତମେ ପୁଣି ପକ୍ଷୀ

ଟିକି ତାରା ତମେ
ଜଳୁଛ ଆଜି ବି
ସଞ୍ଜ ଆକାଶ ତୀରେ,
ହାତ ବଢ଼ାଇଲେ
ପାଏ ନାହିଁ ହାତ
ତମେ ସତେ କେତେ ଦୂରେ ।

ଟିକି ପକ୍ଷୀ ତମେ
ଉଡୁଛ ଆକାଶେ
ଦୂର ପାହାଡ଼ର କୋଳେ,
ମୋ ପାଖକୁ ଆସି
ଛୁଇଁଦିଅନ୍ତ କି
ଚାହିଁଛି ଆବେଶ ଭୋଳେ ।
ତମେ ଟିକି ତାରା, ତମେ ପୁଣି ପକ୍ଷୀ
ମୋ ମନ ଆକାଶ ତଳେ ।

Digitized by srujanika@gmail.com

ନୀଳକଇଁ ଆଗୋ ନୀଳକଇଁ

ନୀଳକଇଁ ଆଗୋ ନୀଳକଇଁ
ସାତତାଳ ପାଣି ତଳେ ଥାଇ
ଗଭୀର ଗହନ ସପନରେ
ଡାକି ଦିଅ ମୋତେ ରହି ରହି
ନୀଳକଇଁ ଆଗୋ ନୀଳକଇଁ।

ନୀଳଇନ୍ଦିବର ତନୁ ତୋରା
ମନମତାଣିଆ ବାସ ଭରା
ସେ ମଧୁ ମହକ ଭୁଲି ନାହିଁ
ନୀଳକଇଁ ଆଗୋ ନୀଳକଇଁ।

ମନୋରମାଙ୍କ ପ୍ରିୟ ଗୀତିକବିତା।

Digitized by srujanika@gmail.com

ଲୁହ ଜୁଡୁବୁଡୁ

ଲୁହ ଜୁଡୁବୁଡୁ ଶ୍ରାବଣଟିଏ ମୁଁ
ମୁଁ କେବେଳ ଝରିଯାଏ,
ଲୁହର ଗୋଟିଏ ଛୋଟ ସରୁ ଧାର
ମୋ ଭିତରେ ଫିଟିଯାଏ।

Digitized by srujanika@gmail.com

ଯାହାପାଇଁ ଏତେ

ଯାହାପାଇଁ ଏତେ
କବିତା ଲେଖିଲି
ବୁହାଇ ସପନ ଢେଉ
ଯାହାପାଇଁ ଏତେ
ଗୀତ ମୁଁ ଗାଇଲି
ଝରାଇ ପ୍ରାଣର ଲହୁ,
ସିଏ ଯଦି କେବେ
ବାଟ ଭାଙ୍ଗିଯାଏ
ଗଭୀର ଆଘାତ ଦେଇ,
ମୁଁ ଅନାଇଥିବି
ଫେରିବା ବାଟକୁ
ଦୂର ଦିଗନ୍ତେ ଚାହିଁ।

Digitized by srujanika@gmail.com

ଅଜଣା ନଈର ଧାରେ

କଥାରେ କଥାରେ
ସରିଯାଏ ଯଦି
ଜୀବନର ସ୍ପନ୍ଦନ,
ଲୁହରେ ଲୁହରେ
ଭାସିଯାଏ ଯଦି
ସପନ ସୋହାଗ ଦିନ ।

ଆଶାରେ ଆଶାରେ
ମୁଗ୍ଧ ମୁଁ ହୋଇ
ଅଜଣା ନଈର ଧାରେ,
କାହା ପାଇଁ କୁହ
ରହିଛି ଅନାଇ
ଅଳସ ଗୋଧୂଳି ତୀରେ ।

Digitized by srujanika@gmail.com

ଝରା ଶେଫାଳିର
ମହକରେ ଯଦି
ହଜିଯାଏ ମୋର ମନ,
ରାଗ ଆଶାବରୀ
ଆଣିଦିଏ ଯଦି
ଜୀବନର ସ୍ପନ୍ଦନ।

ଅଳସଗୋଧୂଳି ପରେ
ମୁଁ ଫେରି ଆସିଛି
ଏତେ ଦିନ ପରେ
ଅଜଣା ନଈର ତୀରେ।

Digitized by srujanika@gmail.com

ସମୟର ଏଇ ଚହଲା ପାଣିରେ

ସମୟର ଏଇ
ଚହଲା ପାଣିରେ
ମୁଁ ଛୋଟ ନଉକାଟିଏ,
ସେହି ନଉକାରେ
ମୁଁ ପହଞ୍ଚି ଯିବି
ସେ ପାଖେ ଡାକୁଛି କିଏ।

ସାରାଟା ଜୀବନ
ସରିଗଲା ମୋର
କିଏ ବା କାହାର କୁହ,
ସାରା ଜୀବନର
ସାଇତା କେବଳ
ବିନ୍ଦୁଏ ମୋର ଲୁହ।

Digitized by srujanika@gmail.com

ମୁଁ ଛୋଟ ନଉକା
ଭାସିଯାଏ ସିନା
ଅକୁହା ଆବେଗ ଧରି,
ମୁଁ ଛୋଟ ନଉକା
କେମିତି ମୁଁ ହେବି ପାରି ।

ମୁଁ ସିନା ଭାସୁଛି
ଆବେଗ ଆକୁଳ
ଅକାତ କାତର ଜଳେ
ମୁଁ ଖାଲି ଭାସୁଛି
ଜୀବନର ଏଇ
ଉଜାଣି ସୁଅର ତଳେ ।

ସମୟର ଏହି
ଚହଲା ପାଣିରେ
ଏକାକୀ ନଉକାଟିଏ
ଭାସିଯାଏ ଆଜି
ଭାସିଯାଏ ସିନା
ପଛରୁ ଡାକୁଛି କିଏ ।

ତୁମ ସୁର ବାଜେ

ତୁମ ସୁର ବାଜେ
ବାଉଁଶପତର ତଳେ,
ନୀଳ ଆକାଶରେ
ସୁନୀଳ ଝରଣା ଜଳେ।

ତୁମେ କି ଲୁଚିଛ ସକାଳ ସୂରୁଜ
ମୂରୁଜର ହସ ତଳେ
ଥିରି ଥିରି ଥିରି ପବନ ସହିତ
ସୁନୀଳ ସାଗର ଜଳେ।

କେଉଁଠି ଛପିଛ କବି,
ତୁମେ ମୋ ମନର ପାହାନ୍ତି ଆକାଶେ
ଆଶାର ଆଲୋକ ରବି।

Digitized by srujanika@gmail.com

ମୁଁ ଶ୍ରାବଣର ଭରା ନଈ

ମୁଁ ତ ଶ୍ରାବଣର ଭରା ନଈ
ଋତୁପର୍ଣ୍ଣା ମୁଁ ବସୁନ୍ଧରା
ଭାସିଯାଏ ମୁଁ ଯେ
ଲହର ନଉକା ହୋଇ
ମୁଁ ତ ଶ୍ରାବଣର ଭରା ନଈ ।

ମୁଁ ଆଷାଢ଼ର ଆଶାବରୀ
ବିହାଗକୁ ବୁକେ ଧରି
ଦିନୁ ଦିନ ଯାଏ ଝରି
ମୁଁ ଆଷାଢ଼ର ଆଶାବରୀ,
ଶତ ଉନ୍ମୁଖୀ ହୋଇ
ମୁଁ ଯେ ରହିଥାଏ ଚାହିଁ
ଶ୍ରାବଣର ଭରା ନଈ ।

Digitized by srujanika@gmail.com

ମୋତେ କରିଦେଲ ମୁକୁତା

ଚିଠି ଲେଖୁ ଲେଖୁ ତମକୁ ସେଦିନ
ଚିଠି ହୋଇଗଲା କବିତା,
ସେ କବିତା ପୁଣି ପାଲଟି ଯାଇଛି
ସ୍ମୃତି ଓ ପ୍ରେମର ସଳିତା ।

ପ୍ରେମ ପୁଣି ଦେଖ ସ୍ମୃତିଟିଏ ହୋଇ
ମୋ ସହିତ ଗପ କରୁଛି,
କାହିଁକି ଲେଖିଲି ଚିଠି ମୁଁ ତୁମକୁ
ସେ କଥା କେବଳ ଭାବୁଛି ।

ଚିଠି ଲେଖୁ ଲେଖୁ ତମକୁ ସେଦିନ
ଚିଠି ହୋଇଗଲା କବିତା,
ପରଶ ପଥର ଛୁଇଁ ଦେଇ ମୋତେ
କରିଦେଲ ସତେ ମୁକୁତା ।

Digitized by srujanika@gmail.com

ଏଇ ଗଡ଼ଖାଇ ଦୁର୍ଗ ଭିତରେ

ଏଇ ଗଡ଼ଖାଇ
ଦୁର୍ଗ ଭିତରେ
କାନ୍ଦୁଛି ଜଣେ କିଏ
ଆକାଶର ଘନ
ନୀଳିମା ଭିତରେ
ସେ କାନ୍ଦଣା ଶୁଭୁଥାଏ ।

ଇତିହାସ ଏଠି
କଥା କହେ ମୋତେ
ସେ କେଉଁ ଯୁଗର କଥା
ଗଡ଼ଖାଇର ଏ ପରିଖା ଭିତରେ
ଖୋଦିତ ଯେ କେତେ ବ୍ୟଥା ।

Digitized by srujanika@gmail.com

ଶୁଣ ଆଗୋ କାନ ଡେରି
ନୀରବତା ଏଠି
କଥା କହେ ସିନା
ପଉଷ କାକର ପରି ।

ସପନ ସାଉଁଳା
ଦିନ ସରି ଆସେ
ଇତିହାସ କଥା କହେ
ଏଇ ଗଡ଼ଖାଇ ଦୁର୍ଗ ଭିତରେ
କାନ୍ଦୁଛି ଜଣେ କିଏ ।

Digitized by srujanika@gmail.com

କେମିତି କହିବି

କେମିତି କହିବି
ଛଳନା ତମକୁ
ଛୁଇଁଅଛି ବୋଲି
ଯିଏ ଯେତେ କହୁ ମୋତେ
କେମିତି କହିବି
ପ୍ରୀତିର ପ୍ରତିମା
ଭାଙ୍ଗିଛି ନିଜ ହାତେ।

Digitized by srujanika@gmail.com

କେବେତ ସେମିତି
ନଥିଲ ଗୋ ତମେ
ତମେ ଥିଲ ତମପରି
କେଉଁ ସୂପର୍ଣ୍ଣଖା
ଆସିଲା କେଉଁଠୁ
ସବୁସୁଖ ନେଲା ହରି ।

କି ଫୁଲ ସେ କୁହ
ଶୁଙ୍ଘାଇ ଦେଲା
ନିଜକୁ ବି ଗଲ ଭୁଲି
କେମିତି କହିବି
ନିଜେ ଗଢ଼ିଥିବା ପ୍ରୀତିର ପ୍ରତିମା
ନିଜେ ହିଁ ଭାଙ୍ଗିଛ ବୋଲି ।

Digitized by srujanika@gmail.com

ମୁଠାଏ ଫୁଲର ମାୟା

ନାକକାନ୍ଦୁରୀ ସେ ତମ ଗାଁ ଝିଅ
କଞ୍ଚନ ଫୁଲ ଦେହ
ସବୁଜ ସଜଳ ଗାଁ ପୋଖରୀର କଇଁ
ଗୋଡ଼ିବାଣି ଫୁଲେ ଝଟକୁଥାଏ ତା ଦେହ
ପେଡ଼ିରେ ସାଇତି ରଖିଥାଏ ତାର
ହୀରା ନୀଳା ଆଉ ମୋତି ମାଣିକ୍ୟର ସ୍ନେହ
ନାକକାନ୍ଦୁରୀ ସେ ତମ ଗାଁ ଝିଅ
କଞ୍ଚନ ଫୁଲ ଦେହ ।

ପାରଦ ଖରାରେ ଝଲମଲ ତମ ଗାଁ
ଆଷାଢ଼ ଶାଢ଼ିରେ ଘୋଡ଼େଇଘାଡ଼େଇ
ହାତ ଠାରି ଡାକେ ମୋତେ
କଷି ଆମ୍ବ ଡେଙ୍ଗ ସଜ ପଖାଳର ଗାଁ
ଯେଉଁଠି ମିଶିଛି ବଡ଼ମା' ଆଖିର ଲୁହ
ଲୁହବିନ୍ଦୁଏ କେମିତି କେଜାଣି ପାଲଟି ଯାଇଛି
ମୁଠାଏ ଫୁଲର ମାୟା ।

Digitized by srujanika@gmail.com

ଭୁଲି ଯାଇଥିଲି

ଭୁଲି ଯାଇଥିଲି
କହିବାକୁ ବହୁକଥା
ଭୁଲି ଯାଇଥିଲି
ପଚାରିବା ପାଇଁ
ବେଦନା ବତୁରା ଗାଥା ।
ଅଲିଭ୍ ଗଛର ଛାଇ ଅବା ତମ
ମେଘର ପଣତ ତଳେ
କହିବାକୁ ଯାଇ ଅଧା ରହିଗଲା
ଜୀବନର ବହୁ କଥା ।

ସୁନାଝରି ଫୁଲ
ଫୁଟେ ଆଉ ଝରେ
ଦେଖିଛ କି କେବେ ତମେ
ସୁନାର ଝରଣା
ଝରୁଥିଲା ବେଳେ
ଅଟକି ଯାଇଛ କେବେ ।

Digitized by srujanika@gmail.com

ଫୁଟିଲା ଫୁଲର
ସଉରଭ ତମେ
ତମେ ହିଁ ଅପରାଜିତା
ଅଧାଲେଖା କେତେ
କବିତା ଗୋ ତମେ
ପ୍ରଥମ ପ୍ରଣୟ ଗାଥା ।

Digitized by srujanika@gmail.com

ଫେରିଯିବି

ଫେରିଯିବି ଆଜି
ସ୍ୱପ୍ନ ପାଖକୁ ମୋର,
ଭାରି ମନେପଡେ ଗଙ୍ଗଶିଉଳି
ଭିଜା ସକାଳର ସ୍ୱର।
ଫେରିଯିବି ଆଜି
ସ୍ୱପ୍ନ ପାଖକୁ ମୋର।

ମୁଁ କେମିତି ସତେ
ଭୁଲି ଯାଇଥିଲି
ଅଧା ଛାଇ ଆଲୁଅରେ
ଝୋଟି ମୁରୁଜରେ
କୋଟିକମ କରା
ଦୁର୍ଗାପୂଜାର ଦିନ।

ଫେରିଯିବି ଆଜି ସ୍ୱପ୍ନ ପାଖକୁ ମୋର,
ଭାରି ମନେପଡେ ସ୍ୱପ୍ନସଜଳ ଗଙ୍ଗଶିଉଳି ଘର।

Digitized by srujanika@gmail.com

ମୁଁ ଯେବେ ଲେଖିଲି

ମୁଁ ଯେବେ ଲେଖିଲି ପ୍ରଥମ କବିତା
ତୁମରି ଗାଁର ସୁନା ଝଲମଲ ନେଳିଆ ଦୀଘିର ଜଳେ,
ଚମକି ପଡ଼ିଲି ଶୁଣିଲି ଯେଦିନ
ସେ କବିତା ଦିନେ ଅନୁରାଗ ହୋଇ ଫୁଟି ଉଠିଥିଲା
ତୁମରି କଣ୍ଠସ୍ୱରେ ।

ମୁଁ ଯେବେ ଲେଖିଲି ଦ୍ୱିତୀୟ କବିତା
ତୁମରି ମନର ଗୋପନ କୋଠରି ନିଛାଟିଆ ଇଲାକାରେ ।
ବହୁ ଦିନ ପରେ ଦେଖିଥିଲି ମୁହିଁ
ସେ କବିତା ମୋର ଛପି ରହିଥିଲା
ତୁମରି ନିରବ କାମିନୀ ପତ୍ର ଆଖର ପାଖୁଡ଼ା ପରେ ।

ମୁଁ ଆଜି ଲେଖୁଛି ତୃତୀୟ କବିତା
ପ୍ରୀତି ଛଳଛଳ ତୁମରି ପ୍ରଣୟ ଗୀତି
ପୁଷ୍ପିତ ଏଇ ମନ ଅଙ୍ଗନେ
ହଜିଲା ଦିନର ସ୍ମୃତି ।

Digitized by srujanika@gmail.com

ବାପଘର ଗାଁ

ବାପଘର ଗାଁ ଭାରି ମନେପଡ଼େ
ପଉଷର ଏଇ ଦିନେ
ନଦାନଦି ହୋଇ ସୋରିଷ ଫୁଲ କି
ଫୁଟିଥିବ ସେ ଗାଁରେ।

ବାପଘର ଗାଁ ଆକାଶରେ ଉଡେ
ଅନେକ ଶଙ୍ଖଚିଲ
ଗେଣ୍ଡାଳିଆ ବି ଝାଡିଦିଏ ପର
ନ ମାନି କାହାରି ବୋଲ।

ଗୁଣୁଗୁଣୁ କେତେ ମହୁମାଛି ଆସି
ଗୀତ ଗାଉଥିବ
ସେ ଗାଁର କାନେକାନେ।
ବାପଘର ଗାଁ ଭାରି ମନେପଡ଼େ
ପଉଷର ଏଇ ଦିନେ।

Digitized by srujanika@gmail.com

ବାପଘର ଗାଁ ସବୁଠୁ ସୁନ୍ଦର
ସବୁଠୁଁ ମଧୁର ନାଁ
ସେ ଗାଁରେ ଅଛି ସପନ ହକଳା
କୁମାରୀ ଜୀବନ ରାହା ।
ସକାଳର ଯେତେ ଝୁରୁଝୁରୁ ସ୍ୱପ୍ନ
କାକର ଦିଅଇ ଧୋଇ
ମଧୁମୟ ବେଳ ମନର ମହକ
ସଜଳ ମେଘର ଛାଇ ।

ସେଇ ଗୀତ ଆଜି କହିଯାଏ କାନେକାନେ
ବାପଘର ଗାଁ ଭାରି ମନେପଡ଼େ
ପଉଷର ଏଇ ଦିନେ ।

Digitized by srujanika@gmail.com

ଏଇ ମଧୁଝରା ଫଗୁଣ ଭିତରେ

ଏଇ ମଧୁଝରା ଫଗୁଣ ଭିତରେ ହଜିନ କି କେବେ ଦିନେ
ଏଇ ପ୍ରୀତି ଝରା ଚଇତି ପବନ
ଆଲୋଡନ କେବେ ତୋଳି ନାହିଁ ତମ ମନେ।

ଭଲ ପାଇବାର ଲୁଚକାଳି ଖେଳ
ଖେଳିଥିବ ତମେ ନିଜ ସାଥେ ନିଜେ ଅଭିମାନ ଅନୁରାଗେ
ଘନ କଳାମେଘ ଘୋଟିଆସେ ଯେବେ ଏ ମନର ମଧୁବନେ।

ଏଇ ମଧୁଝରା ଏଇ ପ୍ରୀତିଝରା ଫଗୁଣର ଉପବନେ
ସତ କୁହ ତୁମେ ହଜି କି ଥିଲ ମୋ ଅପାଶୋରା କଇଶୋରେ।

ବିରହୀ କବିର କବିତା ଗୋ ତୁମେ ପ୍ରୀତିମୟୀ ଅନୁପମା
ମନ ଯମୁନାର ଉଜାଣିରେ ଦିନେ ହଜାଇ ଦେଲ ଗୋ ସୀମା।

କେତେ ଶିଳ୍ପୀର
କଳପନା ତୁମେ
ଖିଆଲି ମନର ସୁର।

Digitized by srujanika@gmail.com

ଦେଖିଥିଲି ତାକୁ ମାଧବୀରାତିରେ

ଦେଖିଥିଲି ତାକୁ ମାଧବୀରାତିରେ
ନୀଳ ଅଞ୍ଚଳ ତଳେ
ଦେଖିଥିଲି ତାକୁ ଶରତ ସକାଳେ
ନୀଳ କଇଁ ନୀଳ ଜଳେ ।

କୃଷ୍ଣଚୂଡ଼ାର ସପନ ଭିତରେ
ଦେଖିଥିଲି ଆଉ ଦିନେ
ହେନା, ଜୁଇ, ଜାଇ ଫୁଲର ମହକ
ଭରି ଯାଇଥିଲା ମନେ ।
ଆକାଶେ ଆକାଶେ କାନ ପାତି ଯେବେ
ଶୁଣିଲି ତାହାରି ସ୍ୱର
ହାୟ ସେ ସ୍ୱରରେ ଏତେ ଅନୁରାଗ
ଏତେ ପୁଣି ଶୀତ୍କାର
ଶତ ବଳାକାର ମଧୁଗୁଞ୍ଜନ
ଭରିଦେଲା ଦେହ ମନେ ।

Digitized by srujanika@gmail.com

ଫଗୁଣର ମଧୁଝରା ଲଗନେ

ଫଗୁଣର ମଧୁଝରା ଲଗନେ ସପନ ସୋହାଗଭରା
ହଳଦୀବସନ୍ତ ଗାଏ ମଳୟର ସଉରଭ ସପନେ ।
କାହା ଭୀରୁ ମନ ତଳେ ଅନୁରାଗ ସ୍ୱରତୋଳେ
ବକୁଳର ମୁକୁଳିତ ମଧୁଝରା ଲଗନେ ।

ମଳୟ ମହକରେ ପ୍ରୀତିର ହାର ଗୁନ୍ଥେ
ଦୂର ବନାନୀ କୋଳେ କଳିକା
କିଶୋରୀ କିଶଳୟ କୋମଳ ଅଂଗରେ
ହସଇ ରହି ଭୀରୁ ଯୂଥିକା ।

ସପନ ଆକୁଳିତ ଲଗନେ ସୁରଭି ସଉରଭ ମଗନେ
ଅନୁରାଗ ଭରା ସ୍ୱରେ କୋଇଲି ଗାଏ ମଧୁରେ
ବକୁଳର ମୁକୁଳିତ ଲଗନେ ।

Digitized by srujanika@gmail.com

ଫୁଲ ହୋଇ ଦିନେ ଝରି ଗଲି ହାୟ

ଫୁଲ ହୋଇ ଦିନେ ଝରି ଗଲି ହାୟ ଏ ଧରଣୀ ଧୂଳି ପରେ
ବ୍ୟଥା ହୋଇ ଦିନେ ଗୁମୁରି ଉଠିଲି
ଜୀବନ ନଦୀର ତୀରେ ।

ଝରିବାର ଏଇ ବେଦନା ଭିତରେ ଖୋଜିଛି ମୁଁ ବହୁବାର
ଅଳେଇଚ ଆଉ ଲବଙ୍ଗ ଦ୍ୱୀପରେ
ପାଇନି ସନ୍ଧାନ ତା'ର ପାଇବ କି ଆଉ ସତେ
ମାଟିର ମରତ ପରେ ।

ଆମରି ଗାଆଁର ଚଉଁରାମୂଳରେ
ଦୀପ ହୋଇ ସିଏ ଜଳେ
ପ୍ରୀତିର ଦେବୀ ସେ ଯାହା ପାଇଁ ହାୟ
ନଇବେଦ୍ୟ ନିତି କରେ
ଫୁଲ ହୋଇ ଶେଷେ ଝରିଯିବି ଦିନେ
ଏ ଧରଣୀ ଧୂଳି ପରେ ।

Digitized by srujanika@gmail.com

ପଦେ...

କୌଣସି ଶିଳ୍ପୀ ସଂପୂର୍ଣ୍ଣ ରୂପେ ସ୍ୱାଧୀନ ନୁହେଁ। ମୋର କହିବା ଉଦ୍ଦେଶ୍ୟ କୌଣସି ଶିଳ୍ପୀ ସଂପୂର୍ଣ୍ଣ ରୂପେ ନିଜସ୍ୱ ଅବା ମୌଳିକ ନୁହେଁ। ସେ ତା'ର ପରମ୍ପରାର ବୋଝକୁ ନିଜ କାନ୍ଧରେ ବୋହିଥାଏ। ଅର୍ଥାତ୍ ଜଣେ ଓଡ଼ିଆ କବି ଶାରଳା ଦାସଙ୍କ ପାଖରୁ ଆରମ୍ଭ କରି ତା'ର ସମସାମୟିକ କବିଙ୍କର ଧାରାକୁ ନିଜ ଭାବରେ ଗ୍ରହଣ କରିଥାଏ। ପୁଣି ତାକୁ ନିଜସ୍ୱ ଢଙ୍ଗରେ ପରିବର୍ତ୍ତିତ କରିଥାଏ। ଏହି ପରିବର୍ତ୍ତନ କରିବାର ବାଗଟି ସେହି କବିର ନିଜସ୍ୱ ଗୁଣ। ଏହି କଥାକୁ ଐତିହ୍ୟ ଏବଂ ବ୍ୟକ୍ତି ସୃଜନଙ୍କ ସମ୍ପର୍କ ଭାବରେ ଗ୍ରହଣ କରାଯାଇପାରେ। ଆମ ଓଡ଼ିଆ କବିତାର ଗୋଟିଏ ମୁଖ୍ୟ ଧାରା ହେଉଛି ଗୀତି କବିତା ଧାରା। ଏହାର ଇତିହାସ ନିହାତି କମ୍‌ରେ ତିନିଶହ ବର୍ଷ ଅବା ତହିଁରୁ ଊର୍ଦ୍ଧ୍ୱ ହେବ। ଜଗନ୍ନାଥ ପ୍ରେମ ଓ ନିଜସ୍ୱ ଦୁଃଖକୁ ନେଇ ଓଡ଼ିଆରେ ଅସଂଖ୍ୟ ଗୀତିକବିତା ଲେଖା ହୋଇଛି ଏବଂ ସେସବୁକୁ ଗାୟନ ମଧ୍ୟ କରାଯାଇଛି। ଭଂଜ, କବିସୂର୍ଯ୍ୟ ଆଦି କବିଙ୍କର ଗୀତ ସବୁ ଓଡ଼ିଆ ନୃତ୍ୟର ଆଧାର ହୋଇଛି। ତେଣୁ ଆମ ଓଡ଼ିଆ ପରମ୍ପରା ଗୀତି କବିତାର ପରମ୍ପରା। ଆଜି ଜଣେ କବି ଯେତେବେଳେ ଗୋଟିଏ ଗୀତି କବିତା ଲେଖୁଛି ସେ ଏହି ପରମ୍ପରା ବିଷୟରେ ସଚେତନ। ସଚେତନ ଯେ ମୋ ଲେଖା ଗାଇବା ପାଇଁ ଉପଯୁକ୍ତ। କାରଣ ଗୀତି କବିତାର ଗୋଟିଏ ଗୁଣ ଏହା ବ୍ୟକ୍ତିଗତ, ଆତ୍ମିକ ପୁଣି ଏହା ଗାଇବା ପାଇଁ ଉପଯୁକ୍ତ। ଯେଉଁ ଗୀତି କବିତାକୁ ଗାଇ ହେବ ନାହିଁ ତାହା କେବେ ଗୀତି କବିତା ପଦବାଚ୍ୟ ହୋଇ ପାରିବନି।

ଗୀତି କବିତା କବିର ଗୋଟିଏ ଆବେଗକୁ ସାଂଗୀତିକ ରୂପ ଦେଇଥାଏ। ପୂର୍ବରୁ କହିଚି ଏହି ସଂଗୀତମୟତା ଗୀତି କବିତାର ପ୍ରାଣ। ଏହା ଆବେଗର ଏକକତ୍ୱକୁ ନିଜର ବିଷୟବସ୍ତୁ ଭାବରେ ଗ୍ରହଣ କରିଥାଏ। ତେଣୁ ଗୀତି କବିତାକୁ "ସ୍ୱରବେଗ" କହିଲେ ଅତ୍ୟୁକ୍ତି ହେବ ନାହିଁ। ସଂଗୀତ ଓ ଆବେଗର ଏହି ମିଳନ ହିଁ ଗୀତି କବିତାର ନିଜସ୍ୱ ପଣ। ଏହା ବ୍ୟକ୍ତିଗତ। ଏପରିକି କୌଣସି ବାହ୍ୟବସ୍ତୁକୁ ବର୍ଣ୍ଣନା କଲାବେଳେ ମଧ୍ୟ ଏହି ବ୍ୟକ୍ତିକତାର ଛାପ ପଡ଼ିଥାଏ। ତେଣୁ ଏହା ପ୍ରାଣକୁ ଛୁଇଁଥାଏ ଏବଂ କଳାର ବିଭିନ୍ନ ରୂପରେ ଏହାକୁ ପ୍ରକାଶ କରିବା ପାଇଁ ସବୁବେଳେ ଚେଷ୍ଟା ହୋଇଥାଏ । ଏହି ଆବେଗ ସହ ସଂଗୀତ ମିଶିବା ଧାରା ପ୍ରାୟ ଦୁଇ ପ୍ରକାର । ଗୋଟିଏ କବି ନିଜର ଆବେଗକୁ ସ୍ୱତଃ ସଂଗୀତମୟତାରେ ରୂପ ଦେଇଥାଏ।

Digitized by srujanika@gmail.com

ଯେମିତି ବନମାଳୀ, ଭଂଜ ଆଦି । ଅନ୍ୟ ଦିଗଟି ହେଲା ପ୍ରଥମେ ସଂଗୀତ ସୃଷ୍ଟି କରି ତା' ସହ ଗୀତକୁ ଖାପ୍ ଖୁଆଯାଇଥାଏ । ଏପରି ଗୀତି କବିତା ଅନେକ ସମୟରେ ସିନେମା ଓ ଏଲ୍‌ବମ୍ ଗୀତରେ ଦେଖିବାକୁ ମିଳିଥାଏ । ଏହା ମୋ ମତରେ ଉଚ୍ଚ ମାନର ନୁହେଁ । ସ୍ୱର ସହ ତାଳ ଦେବା ପାଇଁ ଶବ୍ଦ ଖଞ୍ଜି ଗୀତ କରାଯାଇଥାଏ । ମୁଁ ଏପରି ଗୀତକବି ବିଷୟରେ ଆଲୋଚନା କରିବାକୁ ଯାଉ ନାହିଁ ।

ଗୀତି କବିତା ତେଣୁ ଆମ ସାହିତ୍ୟର ଐତିହ୍ୟ ଓ ପ୍ରାଣ । ତେଣୁ ଗୀତି କବିମାନେ ଆମ ସାହିତ୍ୟର କବି । ତାଙ୍କର ସ୍ୱତନ୍ତ୍ର ଆସନର ପ୍ରଶ୍ନ ମୋ ପାଇଁ ଉଠେ ନାହିଁ । ଜୀବନ ପାଣି, ଗୁରୁକୃଷ୍ଣ, ଶିବବ୍ରତ ଆଦିଙ୍କୁ କବି କହିବାରେ କୁଣ୍ଠାବୋଧ କରିବାରେ ଆଦୌ ପ୍ରଶ୍ନ ଉଠେ ନାହିଁ । ସାଂପ୍ରତିକ ଧାରା ଅନୁସାରେ ଗୀତି କବିତାର ସ୍ୱର, ଭାଷା ବଦଳିଥାଏ । ଜୀବନ ପାଣିଙ୍କର ଗାମ୍ଭୀର୍ଯ୍ୟ ଆଜି ନିମାଇଁ ମହାନ୍ତିଙ୍କ ଗୀତିକବିତାରେ ମିଳିବ ନାହିଁ । ଆଜିର ଗୀତି କବିତା ଚିନ୍ତା ଅପେକ୍ଷା ଅନୁଭବର ଅଧିକ ନିକଟବର୍ତ୍ତୀ । ଏହା ଗୋଟିଏ ଜାତିର ପରମ୍ପରା, ସଂସ୍କୃତି ଓ ଚଳଣୀକୁ ଧରି ରଖିଥାଏ । ଯେମିତି ନିମାଇଁ ମହାନ୍ତିଙ୍କର 'ଆମ ଫଲେ ଝଂଙ୍କା ଝଂଙ୍କା/ ତେନ୍ତୁଲ ଫଲେ ବଂକା" ଗୀତଟିରେ ଦେଖିବାକୁ ଏହାର ସାରଳତା ଓ ଜୀବନର ନିକଟରେ । ମୟୁରଭଂଜ ଆଦିବାସୀ ଅଞ୍ଚଳର ସଂସ୍କୃତି ଏଥିରେ ପ୍ରତିଫଳିତ । ମାତ୍ର ଜୀବନ ପାଣିଙ୍କର 'ଆଗୋ ବନହଂସୀ' କବିତାରେ ଚିନ୍ତାର ଗହନତା ଅଛି ମାତ୍ର ଦୈନନ୍ଦିନ ଜୀବନର ନିକଟବର୍ତ୍ତୀ ହୋଇପାରି ନାହିଁ । ଆଜି କିନ୍ତୁ ଗୀତିକବିତା ଜୀବନାନୁମୁଖୀ ହେବାକୁ ଲାଗିଚି । ମାତ୍ର ଏସବୁ କବିତାରେ ବ୍ୟକ୍ତିଗତ ସ୍ୱର ଯେମିତି ତୀବ୍ର, ଏଥିରେ ମିଶିଛି ଅଦ୍‌ଭୁତ କଳ୍ପନା ଶକ୍ତି । ଏହି କଳ୍ପନା ଶକ୍ତି ଯେତେବେଳେ ବାସ୍ତବତାବୋଧ ସହ ମିଶି ଏକ ବ୍ୟକ୍ତିଗତ ଆବେଗ ସୃଷ୍ଟି କରିଥାଏ ସେତେବେଳେ ଏହା ଏକ ଉଚ୍ଚ ଲିରିକ୍‌ରେ ପରିଣତ ହୋଇଥାଏ । ଆଜିର ଏହି ଗୀତିକବିତାଗୁଡ଼ିକ ଆଞ୍ଚଳିକ ହୋଇଯାଏ । 'ଆଞ୍ଚଳିକ' ଶବ୍ଦଟି ମୁଁ କୌଣସି କ୍ଷୁଦ୍ରତା ବା ଅର୍ଥରେ ବିନିଯୋଗ କରୁନାହିଁ । ଏହା ବଂଚିବା ସହ ଅଂଗାଗୀ ପରିବେଶ ଏବଂ ଅନୁଭବର ମିଳନକୁ ସୂଚନା ଦେଉଅଛି । ଏହି ତଥାକଥିତ ଆଞ୍ଚଳିକ ଲେଖାଗୁଡ଼ିକ ଲେଖାରୁ ସବୁ ପ୍ରକାର ଆନୀତ ଚିନ୍ତାଧାରାକୁ ମୁକ୍ତ କରି ସଂପୂର୍ଣ୍ଣ ଏକ ନିଜସ୍ୱ ସୃଷ୍ଟିରେ ପରିଣତ କରିଥାଏ । ଏଥିରେ କଳ୍ପନା ପୂର୍ଣ୍ଣ ମାତ୍ରାରେ ଜୀବନ୍ତ ହୋଇଉଠେ । କଳ୍ପନା ତ ଚେତନାର ଏକ ଆଲୋକିତ ଦିଗ । ଏହି ଆଲୋକିତ ଅଞ୍ଚଳରେ ଅର୍ନ୍ତଜ୍ଞାନର ପ୍ରତ୍ୟକ୍ଷବୋଧ ହୋଇଥାଏ ।

Digitized by srujanika@gmail.com

ଏହି ଆତ୍ମବୋଧ ଏହି ଅର୍ନ୍ତଜ୍ଞାନ ହିଁ ଗୀତି କବିତାର ଜୀବନ ଏହା ଅତି ଗଭୀର ଭାବରେ ଅନୁଭବ କରୁଥିବା ବାସ୍ତବତାରୁ ହିଁ ଜନ୍ମ ନେଇଥାଏ।

ଏହି ପ୍ରସଙ୍ଗରେ ମନୋରମା ବିଶ୍ୱାଳ ମହାପାତ୍ରଙ୍କ ଗୀତି କବିତାଗୁଡ଼ିକୁ ସାମାନ୍ୟ ଆଲୋଚନା କରିବା। ମୁଁ ତାଙ୍କ କବିତାଗୁଡ଼ିକର ବିଶଦ ଆଲୋଚନା କରି ପାଠକ ଓ କବିଙ୍କ ମଧ୍ୟରେ ଠିଆ ହୋଇ ତାଙ୍କ ଅନୁଭବକୁ ପ୍ରଭାବିତ କରିବାକୁ ଚାହୁଁନାହିଁ। ତାଙ୍କ ଗୀତି କବିତାଗୁଡ଼ିକ ବିଷୟରେ କହିବାକୁ ଗଲେ ତାଙ୍କରି ଧାଡ଼ିକୁ ଉଦ୍ଧାର କରିବାକୁ ଇଚ୍ଛା ହୁଏ। ସେ 'ଜୀବନ ଭିତରୁ ଜୀବନ ଖୋଜିବା ପାଇଁ/ମରିଗଲା ପରେ ଲିଭିବି ନାହିଁ ମୁଁ/ତୁମେ ଦେଖୁଥିବ ରହି।" ଏଇ ଜୀବନ ଭିତରୁ ଜୀବନ ଖୋଜିବାଟା ବଡ଼ କଥା। ଗୋଟିଏ ଜୀବନ ଆମର ବାସ୍ତବତା ଆମର ବଞ୍ଚିବା, ଅନ୍ୟଟି 'ମୁଁ'ର ଆବେଗ ଉତ୍ତାଳ ଅନୁଭବ। ଏହି ଦୁଇ ଜୀବନର ସମନ୍ୱୟ ହିଁ ତାଙ୍କ କବିତା। ଏହି ସମନ୍ୱୟ ପାଇଁ ଦରକାର ଅହଂହୀନ ବିନୟୀ ଅହଂକାର। ସେଥିପାଇଁ ତ "ଦୀପ ସଳିତାରେ ଜଳିଯାଉ ଆଜି/ମୋର ଯେତେ ଅହଂକାର/ଆଖିର ଲୁହରେ ଧୋଇ ହୋଇଯାଉ/ଜୀବନର ଅନ୍ଧାର।" ଅହଂର ଅହଂକାର ଆଖିର ଲୁହରେ ଧୋଇହୋଇଯିବା ହେଉଛି ବଂଚିବାର ତହ ତହ ପଣରେ ଜଳିଜଳି ସୁନା ପରି ଝଟକିବା।

ମନୋରମାଙ୍କର ଗୀତି କବିତା ତେଣୁ ମୁଖ୍ୟତଃ ଜୀବନଧର୍ମୀ। ଏବଂ ଏହି ଜୀବନ ଆତ୍ମନେପଦୀ। ସେ ନିଜ କଥା ଯେମିତି ନିଜକୁ କହନ୍ତି। ମାତ୍ର କହନ୍ତି ଖୁବ୍ ସରଳ, ସାବଲୀଳ ଓ ଶକ୍ତିଧାର ଭାବରେ। ତାଙ୍କ କବିତାରେ ଶକ୍ତି ଆସେ ତାଙ୍କ ଅନୁଭବର ଗଭୀରତାରୁ। ସେ ତାଙ୍କ କବିତାରେ ଏକ ବ୍ୟକ୍ତିଗତ ପୃଥିବୀର କଥା କହନ୍ତି। ଯେଉଁ ପୃଥିବୀରୁ ଅନେକ କଥା ହଜିଯାଏ। ଅନେକ ନୂଆ କଥା ଆସେ। ଅନେକ ନୂଆ ଆବିଷ୍କାର [illegible] ଅଥଚ ଏ ନୂଆ ଆବିଷ୍କାର ତାଙ୍କୁ ଦୁର୍ବଳ ଅବା ରହସ୍ୟମୟୀ କରେ ନାହିଁ। 'ଅତୀତ ଯାଇଛି ଅତୀତ[illegible]ମିଶି/ଆଜି ନାହିଁ ପିଲାଦିନ।" ଏହା ହଜିଯିବାର କ୍ଷୋଭ ନୁହେଁ। ଏହା ସତକୁ ଗ୍ରହଣ କରିବାର ଦା[illegible]ଥାପି ସେ କେଉଁଠି "ସ୍ମୃତିର ମଧୁବନ"କୁ ଛାଡ଼ି ଆସିଛନ୍ତି। ଏହି ଅତୀତକୁ ଛୁଟି ଆସିଥିବା [illegible]ଣିଷ [illegible]ଧୀରେ ପରିପକ୍ୱ ହୁଏ ଏବଂ ଜୀବନର ଜଟିଳତାକୁ ବୁଝେ। ଯେଉଁଠି ସେ ପାଏ ବିଶ୍ୱାସରେ ବିଷ। [illegible] ଦେଇ/ବିଷ ମିଳେ ଯଦି/ନାହିଁ ମୋର ଅବସୋସ।" ଜୀବନ ଭିତରୁ ଜୀବନ ଖୋଜିବାର



Digitized by srujanika@gmail.com

ଆନନ୍ଦ ହେଉଛି ସୃଜନତାର ଆନନ୍ଦ। ଏ ଆନନ୍ଦ ଦୁଃଖରୁ ଜନ୍ମେ ମାତ୍ର ଦୁଃଖକୁ ହରଣ କରି ଏକ ଅପୂର୍ବ ମୂଲକରେ ଜୀବନକୁ ରଖିଦିଏ।

ଏହି ଅତୀତର ସ୍ମୃତି, ସୃଜନଶୀଳତାର ଦୁଃଖ ଓ ସୁଖ ସହ ଆଉ ଏକ ଚେତନା ଆସେ ତାହା ହେଉଛି କାଳରେ। ସେ ସବୁକୁ ତା ହାତ ପାପୁଲିରେ ପୋଛିଦେବ। "ଭଲ ପାଇବାର 'ଭୂମିକା' ଗଖେ/ ସ୍ୱରଲିପି ଅତୀତର।" ଏ ପୋଛିଦେବା କିନ୍ତୁ ଅନ୍ୟ ଏକ ଦୃଷ୍ଟିକୋଣରେ ଅଧିକ ଗଭୀର ହୁଏ। ଏହା ଗଭୀର ହୁଏ ସୃଜନଶୀଳତାରେ। କବିଙ୍କ ପାଖରେ ଜୀବନଟା 'ପ୍ରୀତିମୟ', ତାଙ୍କର ସ୍ୱପ୍ନ 'ଗୀତିମୟ', ଆଉ 'ତୁମେ' ହେଉଛ ସ୍ୱପ୍ନ, କଳ୍ପନା ଅତୀତ ଏବଂ ଶେଷରେ ପ୍ରେମ। "ପ୍ରୀତିମୟ ଏଇ ଜୀବନ ଭିତରେ/ଗୀତିମୟ ଏଇ ସ୍ୱପ୍ନ ଭିତରେ/ତୁମେ ମୁଗ୍ଧ ମଧୁର ଅନୁଭବ।" ଏଇ "ମୁଗ୍ଧ ମଧୁର ଅନୁଭବ" ହିଁ ମନୋରମାଙ୍କ କବିତା।

ମନୋରମାଙ୍କ କବିତାର ସ୍ୱର ବିଷାଦ। ସେ ସାରା ଜୀବନ 'ବିଷାଦ ନଈ କୂଳେ" ଗାଉଛନ୍ତି ବେଦନାର ଗୀତ। ତାଙ୍କ ଜୀବନ ଭିତରେ ରହିଛି କେମିତି ଏକ ଅସଫଳତା। "ଅଧାଲେଖା ଯେତେ ମୋର କବିତା।" ଏଇ ଅସଫଳତା ଭିତରେ ଗାଁ ମନେପଡେ। ଗାଁ'ର ଛବି ତାଙ୍କ କବିତାରେ ବେଶ୍ ଉତ୍ତୀର୍ଣ୍ଣ। ତାଙ୍କୁ ଆଜି ଫଗୁଣ ଭଲ ଲାଗୁନି। କାରଣ ପ୍ରେମ ତଥା ସୃଜନର ଅସଫଳତା, ଅପୂର୍ଣ୍ଣତା। ତେଣୁ ସେ ଲେଖିଛନ୍ତି- "ଚାଲ ସାଙ୍ଗ ହୋଇ ବୁଲିଯିବା/ଗାଁ ଆଡେ/ଭଲ ଲାଗୁ ନାହିଁ କିଛି/ଏଇ ଫଗୁଣରେ।" ଏଇ ଫଗୁଣରେ ସେ କବିତାକୁ ଖୋଜିଛନ୍ତି। ପାଉଛନ୍ତି ତାକୁ ସ୍ମୃତିଭରା ବ୍ୟାକୁଳତା ଭିତରେ। ସ୍ମୃତି, ସ୍ୱପ୍ନ, ଫଗୁଣ ସହ ଯୋଡିହୁଏ ନୀରବତା। ଯେଉଁ ନୀରବତା ସବୁକୁ କବିତାରେ ପ୍ରଗଳ୍ଭ କରିଦିଏ। ତାଙ୍କ ପାଖରେ କବିତା ହୋଇଉଠେ "କବିତା କି ଏକ ଫଗୁଣ ଗୋଧୂଳି/ଭିଜାଭିଜା ନୀରବତା/ନିଖୋଜ ମନର ସପନ ହକଳା/ସ୍ମୃତି ଭରା ବ୍ୟାକୁଳତା।"

"ବରଷା ଆସିଛି", ବଣୁଆ ନଈ ଆଦି କବିତାର କବିଙ୍କର ପ୍ରକୃତି ପ୍ରତି ଆକର୍ଷଣ। ତାଙ୍କ କବିତା ପୁଣି କାଳଜୟୀ। ସେ ନଥିଲେ ବି ତାଙ୍କ କବିତା ବଂଚିଥିବ। ତଥାପି ସେଇ କବିତାରେ [illegible] "ସିଏତ ବୁଝେନା କେବେ ମୋ ମନର ଅନୁରାଗ/ସିଏତ ମାପେନା କେବେ ମୋ ହୃଦୟ ଅନୁଭବ।" ସେ ତାଙ୍କୁ

Digitized by srujanika@gmail.com

'ତୁମକୁ' "ସବୁଦେଇ/ଆଜି ଖାଲି କେବଳ ଶୂନ୍ୟତା" କାରଣ ସେ ଆସିଲେନି। "ତୁମେ ତ ଆସିଲ ନାହିଁ/ ଗୁଣୁଗୁଣୁ ଗୀତଟିଏ ହୋଇ/ମୋ ନିଥର ମନଟାକୁ/ଥରୁଟିଏ ଚହଲାଇ ଦେଇ।" ବର୍ଷା, ନଈ ମନୋରମାଙ୍କ କବିତାରେ ସ୍ୱରକୁ ପ୍ରଭାବିତ କରିଛନ୍ତି। କରିଛନ୍ତି ବି ହଳଦୀବସନ୍ତ କୋରେଇଫୁଲ। ଏସବୁ ତାଙ୍କ କବିତାର ପରିବେଶ ଓ ପୃଥିବୀକୁ ସଜାଏ ଯେଉଁଠି ସେ ପ୍ରେମର ଗଜଲ ଗାଆନ୍ତି।

ମନୋରମାଙ୍କ ଗୀତି କବିତାରେ ସାହସିକ ପରୀକ୍ଷା, ନିରୀକ୍ଷା ନାହିଁ। ତାଙ୍କ କବିତାର ଭାଷା ମୁଖ୍ୟତଃ ରୋମାଣ୍ଟିକ, ତାଙ୍କ ଅନୁଭବର ଇଲାକା ମଧ୍ୟ ସୀମିତ। ମାତ୍ର ସବୁଠାରୁ ବଡ଼ଗୁଣ ହେଲା ତାଙ୍କର ଅନୁଭବ ପ୍ରତି ଆନ୍ତରିକତା। ତାଙ୍କ କବିତାରେ ଆମେ ପାଉ ଏକ ସୀମିତ ବାସ୍ତବ ଦୁନିଆ ଭିତରେ ଏକ ଅସୀମ ଶିଳ୍ପୀ ମନର ନାନ୍ଦନିକ ଦ୍ୱନ୍ଦ୍ୱ। ତେଣୁ ତାଙ୍କ କବିତାର 'ମୁଁ' ଓ 'ତୁମେ' ସାରା ମଣିଷର ପ୍ରେମ ସମ୍ପର୍କକୁ ବୁଝାଏ। ଏ ସମ୍ପର୍କ ଖାଲି ପ୍ରେମର ନୁହେଁ। ପ୍ରକୃତି ସହ, କାଳ ସହ ପୁଣି ମରଣ ସହ। ଏହି ସମ୍ପର୍କ ଭିତରୁ ଜନ୍ମ ନିଏ ତାଙ୍କର କବିତା ପ୍ରତି ଧାରଣା। କବିତା ଏକ ପୂର୍ଣ୍ଣତା। ଏକ ଗମ୍ଭୀର ଯାତନା। ମୃତ୍ୟୁକୁ ଜୟ କରିବାର ଦୁର୍ନିବାର ପ୍ରଚେଷ୍ଟା। କବି ଜୀବନର ପୂର୍ଣ୍ଣତାକୁ ସୂଚାଇବାକୁ ଯାଇ ତାଙ୍କ ଖଣ୍ଡିତ ପ୍ରେମର ଅନୁଭବକୁ ପ୍ରକାଶ କରିଛନ୍ତି। ସେ ବାସ୍ତବତାକୁ ରୂପ ଦେଇଛନ୍ତି ତାଙ୍କ ଆତ୍ମିକତାକୁ ଢାଙ୍କିବା ପାଇଁ। ଏଇଟା ହିଁ ତାଙ୍କର ବଡ଼ ଗୁଣ। ଏଠାରେ ସେ ସାଧାରଣ ପାଖରୁ ଦୂରେଇ ଯାଇ ନିଜ ପାଖରେ ହିଁ ହଜିଯାଇଛନ୍ତି। ମାତ୍ର ସମସ୍ତେ ଭାବନ୍ତି ଯେମିତି ତାଙ୍କରି କଥା ସେ କହିଛନ୍ତି। ନିଜ ଭିତରେ ଅନ୍ୟର ପ୍ରତିଧ୍ୱନି ହିଁ କଳାର ସଫଳତା। ମନୋରମାଙ୍କ କବିତା ପଢ଼ିଲେ ମନେହୁଏ ଜୀବନରେ ପ୍ରେମ କେତେ କ୍ଷଣିକ ମାତ୍ର ସ୍ମୃତି କେତେ ଦୀର୍ଘ। କେତେ କଣ୍ଟକିତ ମଧୁର।

ଏଇ ମଧୁରତାର କଣ୍ଟକ ମନୋରମା ବିଭିନ୍ନ ଭାବରେ ବୁଣିଛନ୍ତି। କେତେ ସଫଳ ହୋଇଛନ୍ତି ସମୟ କହିବ। ମୁଁ ଖାଲି ଏତିକି କହିବି ଏ କବିତା ମୋ ମନରେ ସ୍ମୃତି ମୋର ଖୁବ୍ ତୀବ୍ର କରିଦେଲା।

ମୁଁ ମନୋରମାଙ୍କ ସଫଳତା କାମନା କରୁଛି।

ସୌରୀନ୍ଦ୍ର ବାରିକ

Digitized by srujanika@gmail.com